# ଭାରତୀୟ ଔଷଧୀୟ ଉଭିଦର ଉତ୍ତମ କ୍ଷେତ୍ର ସଂଗ୍ରହ ପ୍ରଣାଳୀ ସମ୍ବନ୍ଧୀୟ ମାର୍ଗଦର୍ଶନ ପୁସ୍ତିକା




National Medicinal Plants Board
Department of AYUSH,
Ministry of Health and Family Welfare
Govt. of India

*in Collaboration with*
WHO Country Office for India,
New Delhi

ଓଡ଼ିଆ ଅନୁବାଦ
ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ, ଓଡ଼ିଶା
ମୟୂର ଭବନ, ସହିଦ୍ ନଗର, ଭୁବନେଶ୍ୱର

# ଭାରତୀୟ ଔଷଧୀୟ ଉଦ୍ଭିଦର ଉତ୍ତମ କ୍ଷେତ୍ର ସଂଗ୍ରହ ପ୍ରଣାଳୀ ସମ୍ବନ୍ଧୀୟ ମାର୍ଗଦର୍ଶନ ପୁସ୍ତିକା

Government of India

**ଜାତୀୟ ଔଷଧୀୟ ଉଦ୍ଭିଦ ପରିଷଦ**

ଆୟୁଷ ବିଭାଗ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ,

ଭାରତ ସରକାର

*ସହଭାଗିତା*

**ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ**

ଭାରତ କାର୍ଯ୍ୟାଳୟ, ନୂଆଦିଲ୍ଲୀ

**ଓଡ଼ିଆ ଅନୁବାଦ**

**ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ, ଓଡ଼ିଶା**

ମୟୂର ଭବନ, ସହିଦ୍ ନଗର, ଭୁବନେଶ୍ୱର-୭୫୧୦୦୭

# ଭାରତୀୟ ଔଷଧୀୟ ଉଦ୍ଭିଦର ଉତ୍ତମ କ୍ଷେତ୍ର ସଂଗ୍ରହ ପ୍ରଣାଳୀ ସମ୍ବନ୍ଧୀୟ ମାର୍ଗଦର୍ଶନ ପୁସ୍ତିକା

**March, 2016**

***© National Medicinal Plants Board, Department of AYUSH, Ministry of Health and Family Welfare, Government of India, 2009***

***(The Original Book 'Guidelines on Good Field Collection Practices for Indian Medicinal Plants' translated by State Medicinal Plants Board, Odisha into Odia with due permission from National Medicinal Plants Board, New Delhi vide letter No.F.No.Z.18020/05/2016-NMPB Dated February 23, 2016.)***

***All rights reserved. No part of ths publication may be reproduced in any form or by any means without prior permission of the National Medicinal Plants Board. Department of AYUSH, Ministry of Health and Family Welfare, Government of India.***

***Translated & Published by:***
**STATE MEDICINAL PLANTS BOARD, ODISHA**
**(F & E Deptt.,Govt. of Odisha)**
**MAYUR BHAWAN, SAHID NAGAR, BHUBANESWAR,**
**ODISHA, PIN-751007**
**TEL :+ 91674-2543911, FAX : +91674-2544911**
**Web :-www.smpborissa.org.in, E-mail:-smpborissa@gmail.com**

***DISCLAIMER:*** *The information provided in this document is for guidance purpose and does not purport any legal significance. Stakeholders are responsible for compliane to any local, national and international laws and regulations that are relevant to their businesses.*

***Designed and Printed at:***
**Apurba**
Plot No-265, Kharvel Nagar, Unit-III,
Bhubaneswar-751001
Cell: 9937300223
Email: apurba1999@gmail.com

Rs.30.00

एस. जलाजा
**S. JALAJA**

सचिव
भारत सरकार
स्वास्थय एवं परिवार कल्याण मंत्रालय
आयुर्वेद, योग व प्राकृतिक चिकित्सा,
यूनानी, सिद्ध एवं होम्योपैथी (आयुष) विभाग
रैड क्रॉस भवन, नई दिल्ली - 110001
**SECRETARY**
**GOVERNMENT OF INDIA**
**MINISTRY OF HEALTH & FAMILY WELFARE**
**DEPTT. OF AYURVEDA, YOGA & NATUROPATHY,**
**UNANI, SIDDHA AND HOMOEOPATHY (AYUSH)**
**RED CROSS BUILDING, NEW DELHI-110001**
**Tel. : 011-23715564, Telefax : 011-23327660**
**E-mail : secy-ayush@nic.in**
**Mailing No. 110 108**

## FOREWORDS

The world is witnessing a change in the health seeking behaviour as more and more people world over are seeking health remedies through the use of traditional and herbal medicines. There is an increasing use of the natural products even in the developed world. This is leading to unsustainable collection from natural forests resulting in uncertain availability of a large number of medicinal plants species and their decline in the wild.

It is well known that India has an age-old tradition of plant based health-care in the form of Ayurveda, Siddha and Unani (ASU) systems of medicine. More than 90% of the formulations under these systems are plant based wih very small percentage of formulations having minerals, metals and animal products as ingredients. Almost 90 per cent of the raw materials of medicinal plants used by ASU manufacturing units are sourced from natural forests, often with little regard to environmental and social considerations, often resulting in harvest much in excess of sustainable limits. The Department of AYUSH has taken a number of policy initiatives for quality and standardization of ASU drugs to improve the outreach and accessibility of Indian systems of medicine. Compliance to Good Manufacturing Practices under the Drugs and Cosmetics Act, 1940 and financial assistance to ASU manufacturing units to adopt the standards laid down in Pharmacopeias are some of the initiatives in this direction. The quality of the finished products, however to a large extent, depends upon the quality of the raw material and it is for this reason that development of Good Field Collection Practices for medicinal plants will go a long way in improving the quality of the ASU products.

I am confident that these guidelines will be widely disseminated and go a long way in incorporating quality ethos in the manufacture of AYUSH product and thereby help improve the outreach of the Indian systems of medicine, both nationally and globally.

**(S. Jalaja)**
**Secretary to the Government of India**
**Department of AYUSH**



World Health Organization
Country Office for India

## FOREWORDS

There is a global upsurge in the use of traditional and complementary system of medicine along with changes in health seeking behaviour. India has well documented traditional system of medicine like Ayurveda, Unani and Siddha with a high degree of societal demand. The dependence of these systems on medicinal plants necessitats the formulation of guidelines and their wide dissemination so as to promote appropriate harvesting. This would contribute to improved quality and sustainable management of medicinal plants resources.

The undertaking of National Medicinal Plants Board in the Department of Ayurveda, Yoga and Naturopathy, Unani, Siddha and Homoeopathy to develop Good Field Collection Practices for Indian medicinal plants, which are mainly collected from the wild, is a praise-worthy effort in this direction. These guidelines, which should be backed up by capacity building and independent certification would contribute to elevating harvesting and quality issues of plant raw materials used in the manufacture of traditional and herbal medicines.

We hope this document will prove useful to the medicinal plants cultivators, collectors and other stakeholders.

**Dr. S.J. Habayeb**
**WHO Representative to India**

बि. एस. सजवाण, आई.एफ.एस.
मुख्य कार्यकारी अधिकारी
**B. S. SAJWAN, I.F.S.**
**Chief Executive Officer**

भारत सरकार
स्वास्थ्य और परिवार कल्याण मंत्रालय
आयुष विभाग
राष्ट्रीय औषधीय पादप बोर्ड
**Government of India**
**Ministry of Health & Family Welfare**
**Department of AYUSH**
**National Medicinal Plants Board**

## ACKNOWLEDGEMENT

The World Health Organisation (WHO) has developed Good Agricultural & Collection Practices (GACPs) for medicinal plants. The present guidelines draw upon the WHO guidelines, International Standards for Sustainable Collection of Medicinal and Aromatic Plants (ISSC-MAP) and other such guidelines for sustainable collection of medicinal plants. These guidelines on Good Field Collection Practices (GFCPs) for wild medicinal plants have been developed through a consultative process among the various experts, Ministries, Departments and Research Councils dealing with medicinal plants.

The National Medicinal Plants Board expresses its gratitude for the financial assistance and collaborative support provided by the World Health Organisation for the development and publication of these guidelines.

Special thanks are due to the WHO-India Office, the Ministries of Environment and Forest, Agriculture, Council of Scientific and Industrial Research, Indian Council of Agricultural Research, Indian Council of Forestry Research and Education, Indian Council of Medical Research, Central Council for Research in Ayurveda and Siddha, Central Council of Unani Medicine, Agriculture and Processed Food Products Export Development Authority (APEDA), Foundation for Revitalization of Local Health Traditions (FRLHT), Indian Institute of Forest Management and other experts who participated in the meeting of the expert committees and provided their valuable inputs on the draft text which went through several stages of refinements and improvements.

NMPB acknowledges the most valuable contribution by Dr. Rajendra Dobriyal of Hindustan Unilever who prepared the original text of the guidelines and, thereafter, incorporated all the suggestions and comments received from the various experts, organizations and individuals. Without the untiring and willing support and cooperation of Dr. Dobriyal it would not have been possible to bring out the document in its present form.

चन्द्रलोक बिल्डिंग, 36, जनपथ, नई दिल्ली-110001 • Chandralok Building, 36, Janpath, New Delhi-110001
फोन/Tel: 011-23315080, फैक्स/Fax: 011-23319358 • ई-मेल/E-mail: info-nmpb@nic.in • वेबसाइट/Web Site: www.nmpb.nic.in

We greatly acknowledge the guidance received from Dr. D.C. Katoch, National Consultant (Traditional Medicine & Homoeopathy), WHO Country Office for India, right from conceptualization of the project till finalization of the guidelines. The contributions made by Dr. Joseph Brinkmann, Dr. G.S. Rawat, Dr. R.B.S. Rawat, Dr. Rajendra Gupta and Dr. Giridhar Kinhal who went over the draft critically and made extremely valuable changes are also gratefully acknowledged. NMPB wishes to place on record the guidance and encouragement received from Mrs. Anita Das, Former Secretary, Department of AYUSH and the present Secretary of the Department Mrs. S. Jalaja for development of the Good Field Collection Practices (GFCPs).

Finally, NMPB would like to place on record its appreciation of the work done by the team consisting of Mr. T.U. Haqqi, Dr. O.P. Mishra, Mr. Parhlad Rai, Dr. S. Bhandarkar, Dr. N. Padmakumar, Dr. Kavita Tyagi, Dr. Sadia Ayub and Dr. M.S. Rawat in the National Medicinal Plants Board.

**(B.S. Sajwan)**
**Chief Executive Officer**
**National Medicinal Plants Board**



**H. S. UPADHYAY, I.F.S.**
**Chief Executive**

**STATE MEDICINAL PLANTS BOARD, ODISHA**
*(Forest & Environment Department, Govt. of Odisha)*
Mayur Bhawan, Sahid Nagar, Bhubaneswar, Pin-751007
Tel:+91674-2543911, Fax: +91674-2544911,
Web: www.smpborissa.org.in, E-mail: smpborissa@gmail.com

# FOREWORDS

A major portion of raw material used in Ayurveda, Siddha and Unani system of medicine is sourced from forests. It is generally observed that the medicinal plant collection practices adopted are faulty and against sustainable harvesting. For this reason, we thought, the Odia translation of the book "Guidelines on Good Field Collection Practices for Indian Medicinal Plants" published by National Medicinal Plants Board in collaboration with World Health Organization, would be of immense help to the stakeholders of Medicinal Plants Sector of our State.

An in-house Odia translation of the book is before you. Admittedly, inadvertent mistakes might have crept in, which basing on suggestions and advice from the end users, we would rectify in the next publication.

State Medicinal Plants Board expresses its gratitude to National Medicinal Plants Board, New Delhi for according permission for publication of Odia translation.

I am grateful to Government of Odisha in Forest & Environment Department for financial support for this publication.

**(H.S.Upadhyay)**
**Chief Executive**
**State Medicinal Plants Board, Odisha**

## ସୂଚୀପତ୍ର


| | | |
|---|---|---|
| **୧.** | **ଉପକ୍ରମଣିକା** | **୯** |
| | ପୃଷ୍ଠଭୂମି, ଉଦ୍ଦେଶ୍ୟ | ୧୧ |
| | ସୁଯୋଗ ଓ ଗଠନ ପ୍ରଣାଳୀ, ବ୍ୟବହୃତ ଶବ୍ଦାବଳିର ସଂଜ୍ଞା ନିରୂପଣ | ୧୨ |
| **୨.** | **ନିୟାମକ ଆବଶ୍ୟକତାର ଅନୁପାଳନ** | **୧୫** |
| | ଅନ୍ତର୍ଜାତୀୟ ବିଧିବ୍ୟବସ୍ଥା ଓ ମାର୍ଗଦର୍ଶନ, ଜାତୀୟ ବିଧିବ୍ୟବସ୍ଥା, ସ୍ଥାନୀୟ ବିଧିବ୍ୟବସ୍ଥା | ୧୫ |
| | ସଂଗ୍ରହ ପାଇଁ ଅନୁମତି | ୧୬ |
| **୩.** | **ଔଷଧୀୟ ଉଦ୍ଭିଦଜାତ ପଦାର୍ଥର ଅମଳ** | **୧୭** |
| | ଗୁଣବତ୍ତା ବିଚାର | ୧୭ |
| | ପରିବେଶ ବିଚାର | ୧୯ |
| | ସାମାଜିକ ବିଚାର | ୨୦ |
| **୪.** | **ଅମଳ ପରବର୍ତ୍ତୀ ପରିଚାଳନା** | **୨୨** |
| | ପ୍ରାଥମିକ ପ୍ରକ୍ରିୟା, ଶୁଷ୍କକରଣ | ୨୨ |
| **୫.** | **ପୁଟୁଳିକରଣ ଓ ସଂଚୟ** | **୨୪** |
| | ଔଷଧୀୟ ଉଦ୍ଭିଦଜାତ ପଦାର୍ଥର ପୁଟୁଳିକରଣ, ଔଷଧୀୟ ଉଦ୍ଭିଦଜାତ ପଦାର୍ଥର ସଂଚୟ | ୨୪ |
| **୬.** | **ବିଭିନ୍ନ ପ୍ରକାର ଔଷଧୀୟ ପଦାର୍ଥର ସଂଗ୍ରହ ଓ ଅମଳ ପରବର୍ତ୍ତୀ ପରିଚାଳନା ସମ୍ବନ୍ଧୀୟ ମାର୍ଗଦର୍ଶନ** | **୨୬** |
| | ଭୂମିତଳ ଅଂଗ | ୨୬ |
| | ବର୍ଷିକିଆ ଔଷଧୀୟ ଉଦ୍ଭିଦ / ସମ୍ପୂର୍ଣ୍ଣ ଉଦ୍ଭିଦ, କାଣ୍ଡ ବକଳ | ୨୭ |
| | କାଣ୍ଡ କିମ୍ବା କାଠ, ପତ୍ର | ୨୮ |
| | ଫୁଲ ଓ ଫୁଲର ଅଂଶ | ୨୯ |
| | ଫଳ ଓ ମଞ୍ଜି | ୩୦ |
| | ଅଠା ଓ ଝୁଣା | ୩୧ |
| | ଅନ୍ୟାନ୍ୟ | ୩୨ |
| **୭.** | **ଦସ୍ତାବିଜ୍ ପ୍ରସ୍ତୁତି** | **୩୩** |
| **୮.** | **ପ୍ରଶିକ୍ଷଣ ଓ ସଂଚାଳନ** | **୩୪** |
| | ପ୍ରଶିକ୍ଷଣ ଓ ଦକ୍ଷତା ବୃଦ୍ଧି, ପ୍ରାରମ୍ଭିକ ଆକଳନ ଓ ସଂଚାଳନ | ୩୪ |
| | **ପରିଶିଷ୍ଟ – ୧** : ଔଷଧୀୟ ପଦାର୍ଥ ପାଇଁ ଅନୁମୋଦିତ ପୁଟୁଳି | ୩୫ |
| | **ପରିଶିଷ୍ଟ – ୨** : ଔଷଧୀୟ ପଦାର୍ଥର ଧାରକ ଉପର ସୂଚନାପତ୍ରର ନମୁନା | ୩୬ |
| | **ପରିଶିଷ୍ଟ – ୩** : ଔଷଧୀୟ ଉଦ୍ଭିଦ ପଦାର୍ଥର ସବିଶେଷ ସୂଚନା ପତ୍ର | ୩୭ |
| | **ପରିଶିଷ୍ଟ – ୪** : କେତେକ ନିର୍ବାଚିତ ଔଷଧୀୟ ଉଦ୍ଭିଦର ଅମଳ ସମୟ | ୩୮ |

# ୧. ଉପକ୍ରମଣିକା

**ସା**ମ୍ପ୍ରତିକ ପରିସ୍ଥିତିରେ ସାରା ବିଶ୍ୱରେ ଉଦ୍ଭିଦଜାତ ଔଷଧି ଓ ସ୍ୱାସ୍ଥ୍ୟସେବା ସାମଗ୍ରୀର ଚାହିଦା କ୍ରମାଗତ ଭାବେ ବୃଦ୍ଧିପାଇବାରେ ଲାଗିଛି। ସେହି ତୁଳନାରେ ଏହି କ୍ଷେତ୍ରକୁ ନିୟନ୍ତ୍ରଣ କରୁଥିବା ଗୁଣାତ୍ମକ ବ୍ୟବସ୍ଥା ଓ ଉପଯୁକ୍ତ ପ୍ରଣାଳୀର ବିକାଶ ହୋଇପାରିନି। ଉଦ୍ଭିଦଜାତ ଔଷଧ ଏବଂ ତତ୍‌ସଂଲଗ୍ନ ସ୍ୱାସ୍ଥ୍ୟସେବା ସାମଗ୍ରୀଗୁଡ଼ିକର ଗୁଣମାନ, ପ୍ରଭାବ ଓ ନିରାପତ୍ତାରେ ସମନ୍ୱୟ ରହୁ ନଥିବାରୁ 'ସର୍ବନିମ୍ନ ଉପଚାର ନିର୍ଭରତା' ଦିଆଯାଇ ପାରୁ ନାହିଁ ବୋଲି ବାରମ୍ବାର ସମାଲୋଚନାର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି ଉଦ୍‌ବେଗ ଯଥାର୍ଥ, କାରଣ ଯେକୌଣସି ସ୍ୱାସ୍ଥ୍ୟସେବା ସାମଗ୍ରୀର ମୂଳ ଲକ୍ଷ୍ୟ ହେଲା ତା'ର ସର୍ବଶେଷ ଗ୍ରହିତାକୁ ମଧ୍ୟ ନୈତିକ ପ୍ରତିଶ୍ରୁତି ଦିଆଯାଇପାରୁଥିବ। ଆଜି ମଧ୍ୟ ବଜାରରେ ଉଦ୍ଭିଦରୁ ପ୍ରସ୍ତୁତ କିଛି ନିମ୍ନମାନର ଔଷଧୀୟ ସାମଗ୍ରୀ ବିକ୍ରୟ କରାଯାଉଛି। ଏ ଭଳି ନିମ୍ନମାନର ଔଷଧୀୟ ସାମଗ୍ରୀ ଉତ୍ପାଦନର ମୁଖ୍ୟ କାରଣ ହେଉଛି ଆମ ପାଖରେ ଥିବା ପ୍ରାକୃତିକ ଭଣ୍ଡାର ବିଷୟରେ ସଠିକ୍ ଜ୍ଞାନର ଅଭାବ ଏବଂ ଏଗୁଡ଼ିକର ଅମଳ କରିବା ଓ  ଅମଳ ପରବର୍ତ୍ତୀ ଅବସ୍ଥାରେ ରକ୍ଷଣାବେକ୍ଷଣ କରିବା ଭଳି ଜ୍ଞାନ ଓ କୌଶଳର ଅଭାବ।

ଭାରତ ସରକାର ଔପଚାରିକ ଭାବେ ଏଲୋପାଥିକୁ ଚିକିତ୍ସା ପଦ୍ଧତିର ଔଷଧ ରୂପେ ସ୍ୱୀକୃତି ଦେବା ସହିତ ଆୟୁର୍ବେଦ, ୟୁନାନି, ସିଦ୍ଧ, ଯୋଗ, ହୋମିଓପାଥି ଓ ନେଚୁରୋପାଥି (AYUSH)କୁ ମଧ୍ୟ ସ୍ୱୀକୃତି ଦେଇଛନ୍ତି।  ଔଷଧୀୟ ଉଦ୍ଭିଦକୁ ଆୟୁର୍ବେଦ, ସିଦ୍ଧ ଓ ୟୁନାନି (ASU) ବ୍ୟବସ୍ଥାରେ ଖାଦ୍ୟ ଓ ଔଷଧ ରୂପେ ବ୍ୟବହାର କରାଯାଇଆସୁଅଛି। ଇତିହାସ ଅନୁସାରେ ଔଷଧୀୟ ଉଦ୍ଭିଦର ସଂଗ୍ରହ, ରକ୍ଷଣାବେକ୍ଷଣ, ପ୍ରସ୍ତୁତି, ବିତରଣ ଆଦି କାମ ଚିକିତ୍ସକ ଓ ପାରମ୍ପରିକ ବୈଦ୍ୟମାନଙ୍କ ଦ୍ୱାରା କରାଯାଉଥିଲା। ବର୍ତ୍ତମାନ ଚାହିଦା ବୃଦ୍ଧି ପାଉଥିବାରୁ ଏହା ଏକ ବହୁଜନ ଓ ବହୁସ୍ତରୀୟ କାର୍ଯ୍ୟରେ ପରିଣତ ହେଲାଣି, ଯାହାଦ୍ୱାରା ପାରମ୍ପରିକ ପଦ୍ଧତିରେ କରାଯାଉଥିବା ଚିରସ୍ଥାୟୀ ଅମଳର ନୀତିନିୟମଗୁଡ଼ିକ ସାଲିସ୍ ସୂତ୍ରରେ ହଜିଗଲାଣି। ପରିଣାମ ସ୍ୱରୂପ, ଅତ୍ୟଧିକ ସଂଗ୍ରହ, ବାସସ୍ଥାନର ଅବନତି, ବିଭିନ୍ନ ଔଷଧୀୟ ଉଦ୍ଭିଦ ପ୍ରତି ବିପଦ ଏବଂ କେତେକ ସ୍ଥାନୀୟ ଉଦ୍ଭିଦର ବିନାଶ ଘଟିବାରେ ଲାଗିଛି। ଆବଶ୍ୟକତା ଓ ଯୋଗାଣ ମଧ୍ୟରେ ତାରତମ୍ୟ ଦେଖା ଦେଉଥିବାରୁ ନିମ୍ନମାନର ଔଷଧୀୟ ଉଦ୍ଭିଦ ଉତ୍ପାଦନର ଯୋଗାଣ ଚାଲିଛି। ଏହି କାରଣଗୁଡ଼ିକ ଯୋଗୁଁ ପ୍ରାକୃତିକ ଔଷଧୀୟ ଉଦ୍ଭିଦର କିପରି ସଂରକ୍ଷଣ କରାଯାଇପାରିବ ଓ ଚିରସ୍ଥାୟୀ ବ୍ୟବହାର ହୋଇପାରିବ ତଥା ଉତ୍ପାଦିତ ପଦାର୍ଥର ଉପଯୁକ୍ତ ଗୁଣ ରକ୍ଷା କରାଯାଇପାରିବ, ସେ ବିଷୟରେ ଚିନ୍ତା କରିବାର ଓ ଲେଖାଯିବାର ଆବଶ୍ୟକତା ଅନୁଭବ ହେଉଛି।

ଜାତୀୟ ଔଷଧୀୟ ଉଦ୍ଭିଦ ପରିଷଦ (NMPB)ଅଧିନରେ ଫାଉଣ୍ଡେସନ୍ ଫର ରିଭିଟାଲାଇଜେସନ୍ ଅଫ୍ ଲୋକାଲ୍ ହେଲଥ୍ ଟ୍ରାଡ଼ିସନ୍ (FRLHT), ବାଙ୍ଗାଲୋର ଦ୍ୱାରା କରାଯାଇଥିବା ଏକ ଆକଳନରୁ ଜଣାଯାଉଛି ଯେ ପ୍ରାୟ ୯୬୦ ପ୍ରଜାତିର ବୃକ୍ଷରୁ ଉତ୍ପାଦିତ ୧୨୮୬ ପ୍ରକାରର ଅଶୋଧିତ ଔଷଧୀୟ ସାମଗ୍ରୀ* ଭାରତୀୟ ବଜାରରେ ବିକ୍ରି ହେଉଛି। ଏହା ମଧ୍ୟରୁ ପ୍ରାୟ ୧୭୮ ଟି ପ୍ରଜାତିର ବାର୍ଷିକ ଚାହିଦା ୧୦୦ ମେଟ୍ରିକ୍ ଟନ୍‌ରୁ  ଅଧିକ ଓ ସାମଗ୍ରିକ ଚାହିଦା ପ୍ରାୟ ୧୩୭,୦୦୦ ମେଟ୍ରିକ୍ ଟନ୍।

---

**'ଅଶୋଧିତ ଉଦ୍ଭିଦଜାତ ଔଷଧ' କହିବା ଯାହା 'ଔଷଧୀୟ ଉଦ୍ଭିଦ ପଦାର୍ଥ' କହିବା ତାହା। ୟୁରୋପର ଭେଷଜ ସଂହିତାରେ 'ଉଦ୍ଭିଦଜାତ ଔଷଧ'କୁ ସରକାରୀ ସଂଜ୍ଞା ଦିଆଯାଇ କୁହାଯାଇଛି ଯେ ଏହା 'ମୁଖ୍ୟତଃ, ପ୍ରକ୍ରିୟା କରଣ ଅବସ୍ଥାରେ ବା ସାଧାରଣ ଭାବରେ ଶୁଖିଲା ଅବସ୍ଥାରେ କ୍ୱଚିତ୍ ସତେଜ ଅବସ୍ଥାରେ ଥିବା ସଂପୂର୍ଣ୍ଣ, ବିଭାଜିତ କିମ୍ବା କଟା ଉଦ୍ଭିଦ, ଉଦ୍ଭିଦର ବିଭିନ୍ନ ଅଂଗ, ଶୈବାଳ, ଫିମ୍ପି କିମ୍ବା ଶୈବାଳ ସଦୃଶ ଉଦ୍ଭିଦ।'*

ସାଧାରଣରେ ଧାରଣା ଅଛି ଯେ ଔଷଧୀୟ ବୃକ୍ଷଲତାଗୁଡ଼ିକର ବୈଜ୍ଞାନିକ ପଦ୍ଧତିରେ ଚାଷ ହେଲେ ସବୁ ସମସ୍ୟା ଚିରକାଳ ସମାଧାନ ହୋଇଯିବ, କିନ୍ତୁ ତାହା ଠିକ ନୁହେଁ। ବହୁ ବୈଜ୍ଞାନିକ, ସାମାଜିକ ତଥା ବ୍ୟବସାୟିକ କାରଣରୁ ମଣିଷ ଔଷଧୀୟ ବୃକ୍ଷଲତାର ବିଭିନ୍ନ ସାମଗ୍ରୀ ପାଇଁ ପ୍ରକୃତି ଉପରେ ନିର୍ଭର କରିବାକୁ ବାଧ୍ୟ। କିଛି ମୁଖ୍ୟ କାରଣ ହେଲା –

- ପାରମ୍ପରିକ ଔଷଧୀୟ ପ୍ରଣାଳୀ ଉଦ୍ଭିଦର ରାସାୟନିକ ଦ୍ରବ୍ୟଗୁଣ ଉପରେ ଗୁରୁତ୍ୱ ଦିଅନ୍ତି। ପ୍ରକୃତିର ଅନୁକୂଳ ପ୍ରତିକୂଳ ପରିବେଶରେ ବଢ଼ିବା ଦ୍ୱାରା ଉଦ୍ଭିଦଟି ଆବଶ୍ୟକ ହେଉଥିବା ବିବିଧ ରାସାୟନିକ ଦ୍ରବ୍ୟଗୁଣ ଆହରଣ କରିଥାଏ। ଚାଷରୁ ଉତ୍ପାଦନ ପଦାର୍ଥରେ ଅନୁରୂପ ଉତ୍ପାଦକ ମିଳେ ନାହିଁ। ଫଳରେ, ଜଂଗଲଜାତ ଓ ଚାଷଜାତ ପଦାର୍ଥ ମଧ୍ୟରେ ଗୁଣବତ୍ତା ପାର୍ଥକ୍ୟକୁ ନିର୍ଦ୍ଧାରଣ କରିବା ମଧ୍ୟ କଷ୍ଟସାଧ୍ୟ।
- ଏପର୍ଯ୍ୟନ୍ତ ମଧ୍ୟ ବହୁ ଔଷଧୀୟ ଉଦ୍ଭିଦଙ୍କର ଶାରୀରିକ ଅଭିବୃଦ୍ଧି କେଉଁ କେଉଁ ସ୍ତର ଦେଇ ଘଟେ, ତାହାର ସଠିକ୍ ବିବରଣୀ ପ୍ରସ୍ତୁତି ହୋଇନାହିଁ।
- ବହୁ ଔଷଧୀୟ ବୃକ୍ଷଲତାଙ୍କର ପ୍ରାକୃତିକ ପରିବେଶରେ ବଞ୍ଚିବା ଓ ବଢ଼ିବା ଅନ୍ୟାନ୍ୟ କିଛି ଉଦ୍ଭିଦ ଓ ପ୍ରାଣୀଙ୍କ ସହ ଜଡ଼ିତ ଯାହା କି ଚାଷ କ୍ଷେତ୍ରରେ ସମ୍ଭବ ନୁହେଁ।
- ଭାରତୀୟ ପ୍ରେକ୍ଷାପଟରେ ଜଙ୍ଗଲରୁ ଔଷଧୀୟ ବୃକ୍ଷଲତା ଓ ତା'ର ଅଂଶ ବିଶେଷ ସଂଗ୍ରହ କରିବାପାଇଁ ପ୍ରାୟ ବାର୍ଷିକ ୬ ନିୟୁତ ମାନବ ଦିବସ ଦରକାର ହୁଏ। ଜଙ୍ଗଲ ଓ ତା'ର ଆଖପାଖରେ ବସବାସ କରୁଥିବା ଅଧିବାସୀମାନଙ୍କର ଚାଷ ବ୍ୟତୀତ ଏହା ଏକ ମୁଖ୍ୟ ଜୀବିକା। ତେଣୁ ଏ ସବୁକୁ ଚାଷ କ୍ଷେତ୍ରକୁ ଟାଣିନେଲେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଜୀବିକା ବାଧାପ୍ରାପ୍ତ ହେବ।
- ଚାଷ ଉପଯୋଗୀ ଉର୍ବର ଜମିକୁ ଖାଦ୍ୟଶସ୍ୟ ଉତ୍ପାଦନ ବ୍ୟତିରେକେ ଅନ୍ୟ (ଔଷଧୀୟ ଉଦ୍ଭିଦ) ଚାଷରେ ବିନିଯୋଗ କଲେ ଖାଦ୍ୟ ନିରାପତ୍ତା ଓ ଚାଷଜମିର ଉପଯୁକ୍ତ ବ୍ୟବହାର ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବ।
- ବର୍ତ୍ତମାନର ବଜାର ସ୍ଥିତି ଦେଖିଲେ ବହୁ ଔଷଧୀୟ ପ୍ରଜାତିର ଉଦ୍ଭିଦ ଖୁବ୍ କମ୍ ପରିମାଣରେ ବ୍ୟବହାର ହୁଏ, ତେଣୁ ସେ ଗୁଡ଼ିକର ଚାଷ ଅର୍ଥନୈତିକ ଦୃଷ୍ଟିରୁ ଫଳପ୍ରଦ ନୁହେଁ।
- କିଛି ଔଷଧୀୟ ବୃକ୍ଷ ପ୍ରଜାତିକୁ ବହୁଳ ଭାବରେ ରୋପଣ କରିବା ଏକ କଷ୍ଟସାଧ୍ୟ ଯୋଜନା କାରଣ ଏହି ଔଷଧୀୟ ବୃକ୍ଷ ପ୍ରଜାତି ସର୍ବଶେଷରେ ଯେତେବେଳେ ଔଷଧ ବ୍ୟବସାୟ ଉଦ୍ଦେଶ୍ୟରେ ବ୍ୟବହାର ହୁଏ, ଏହାକୁ ପୂରା କାଟିବାକୁ ପଡ଼େ।

ତେଣୁ ପ୍ରାକୃତିକ ପରିବେଶରେ ମିଳୁଥିବା ଔଷଧୀୟ ଉଦ୍ଭିଦଗୁଡ଼ିକର ରକ୍ଷଣାବେକ୍ଷଣ ଓ ପୌନଃପୁନିକ ଉତ୍ପାଦନ ପାଇଁ ନିମ୍ନଲିଖିତ ତିନୋଟି ପରସ୍ପର ସମ୍ବନ୍ଧିତ ବିଷୟ ପ୍ରଣିଧାନଯୋଗ୍ୟ –

- ସଂଗ୍ରହକାରୀଙ୍କ ଦକ୍ଷତା ବୃଦ୍ଧି।
- ଆଗୁଆ ଯୋଗାଯୋଗ ମାଧ୍ୟମରେ ଭଲ ବ୍ୟବସାୟର ସୁଯୋଗ।
- ସହଯୋଗ ଭିତ୍ତିକ ପ୍ରାକୃତିକ ପୁନଃପ୍ରଜନନ ଉପରେ ନିରନ୍ତର ଦୃଷ୍ଟି।

'ଭାରତୀୟ ଔଷଧୀୟ ଉଦ୍ଭିଦର ଉତ୍ତମ କ୍ଷେତ୍ର ସଂଗ୍ରହ ପ୍ରଣାଳୀ' ସମ୍ବନ୍ଧରେ ଏହି ପୁସ୍ତକ କିଛି ଶିକ୍ଷା ପ୍ରଦାନ କରିବ, ଯାହାକି ଭାରତୀୟ ଔଷଧୀୟ ଉଦ୍ଭିଦର ସଂରକ୍ଷଣ, ପରିଚାଳନା ଏବଂ ପ୍ରକ୍ରିୟାକରଣରେ ଜ୍ଞାନଥିବା ଓ ଦକ୍ଷ ଲୋକଙ୍କ ପରାମର୍ଶ କ୍ରମେ ପ୍ରସ୍ତୁତ ହୋଇଛି।

**୧.୧. ପୃଷ୍ଠଭୂମି :** ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ର ମାର୍ଗଦର୍ଶନ ଅନୁସାରେ ପ୍ରତ୍ୟେକ ଦେଶ ନିଜ ନିଜର ଜାତୀୟସ୍ତରରେ କିଛି ନିୟମାବଳି ପ୍ରସ୍ତୁତ କରି ଔଷଧୀୟ ଉଦ୍ଭିଦର ଚାଷ ଓ ସଂଗ୍ରହ କରିବା ଉଚିତ୍। କିଛି ୟୁରୋପୀୟ ଦେଶ ତଥା ଚୀନ୍ ଓ ଜାପାନ ଭଳି ଅଳ୍ପ କିଛି ଅନ୍ୟ ଦେଶମାନେ ଆଞ୍ଚଳିକ ଭିତ୍ତିରେ ଉତ୍ତମ ସଂଗ୍ରହ ପଦ୍ଧତି ଉପରେ ନିୟମାବଳି ପ୍ରସ୍ତୁତ କରିଛନ୍ତି। ଭାରତରେ କିଭଳି ଚିରନ୍ତନ ପଦ୍ଧତିରେ ପ୍ରାକୃତିକ ଉଦ୍ଭିଦ ସଂଗ୍ରହ କରାଯାଇ ପାରିବ, ସେହି ଉଦ୍ଦେଶ୍ୟରେ ଭାରତୀୟ ଔଷଧୀୟ ଉଦ୍ଭିଦଗୁଡ଼ିକର ଉତ୍ତମ କ୍ଷେତ୍ର ସଂଗ୍ରହ ନିୟମାବଳି ପ୍ରସ୍ତୁତ କରାଯାଇଛି। ଉପଭୋକ୍ତାମାନେ ପ୍ରସ୍ତୁତ କରୁଥିବା ଆୟୁର୍ବେଦ, ସିଦ୍ଧ ଓ ୟୁନାନି ତଥା ଉଦ୍ଭିଦଜାତ ପଦାର୍ଥଗୁଡ଼ିକର ଗୁଣ, ମାନ ଏବଂ ନିରାପତ୍ତା ପାଇଁ ଏହି ନିୟମାବଳି ପାଳନ କରିପାରିବେ ଏବଂ ଏହା ଦ୍ୱାରା ସଫଳ ଭାବରେ ସେମାନଙ୍କର ସାମାଜିକ, ଅର୍ଥନୈତିକ ତଥା ପରିବେଶ ଭିତ୍ତିକ ସମସ୍ୟାଗୁଡ଼ିକର ସମାଧାନ କରିପାରିବେ। ଆୟୁର୍ବେଦ, ସିଦ୍ଧ ଓ ୟୁନାନିର ଚିକିତ୍ସକ ତଥା ଔଷଧୀୟ ପ୍ରସ୍ତୁତକାରୀଗଣ ଏହି ନିୟମାବଳି ମୁତାବକ ସଂଗୃହୀତ ଓ ପ୍ରସ୍ତୁତ ପଦାର୍ଥଗୁଡ଼ିକୁ ମଧ୍ୟ ପ୍ରୋତ୍ସାହିତ କରିପାରିବେ।

**୧.୨. ଉଦ୍ଦେଶ୍ୟ:**

*ଏହି ନିର୍ଦ୍ଦେଶାବଳିର ଉଦ୍ଦେଶ୍ୟ ହେଲା-*

**୧.୨.୧.** ଔଷଧୀୟ ଉଦ୍ଭିଦର ସଂରକ୍ଷଣ ଓ ସୁବିନିଯୋଗକୁ ସହଯୋଗ ଓ ଉତ୍ସାହିତ କରିବା ସହ ଆଗାମୀ ପିଢ଼ି ପାଇଁ ସାଇତି ରଖିବା।

**୧.୨.୨.** ଔଷଧୀୟ ଉଦ୍ଭିଦରୁ ସଂଗୃହିତ କଞ୍ଚାମାଲର ଏକ ଦୀର୍ଘମିଆଦି ଗୁଣବତ୍ତା ନିର୍ଦ୍ଧାରଣ କରିବା ଯାହାକି ପରବର୍ତ୍ତୀ ପ୍ରସ୍ତୁତ ପଦାର୍ଥର ନିରାପତ୍ତା ଓ କାର୍ଯ୍ୟକାରିତାକୁ ଅକ୍ଷୁଣ୍ଣ ରଖିବ।

**୧.୨.୩.** ଔଷଧୀୟ ଉଦ୍ଭିଦରୁ ସଂଗୃହୀତ କଞ୍ଚାମାଲଗୁଡ଼ିକୁ ପ୍ରଦୂଷଣ ଓ ବିଷମୁକ୍ତ କରିବାକୁ ଏକ ପନ୍ଥା ନିର୍ଦ୍ଧାରଣ କରିବା।

**୧.୨.୪.** ଔଷଧୀୟ ଉଦ୍ଭିଦର ସଂଗ୍ରହଜନିତ କାରଣରୁ ପ୍ରକୃତି ଉପରେ ପଡୁଥିବା ପ୍ରତ୍ୟକ୍ଷ ଓ ପରୋକ୍ଷ କୁପରିଣାମକୁ ରୋକିବା।

**୧.୨.୫.** ଔଷଧୀୟ ଉଦ୍ଭିଦର ଉତ୍ପତ୍ତି, ସଂଗ୍ରହ ସହିତ ଗୁଣ ଓ ମାନ ନିର୍ଦ୍ଧାରଣରେ ସ୍ଥାନୀୟ ଅଧିବାସୀମାନଙ୍କୁ ପ୍ରୋତ୍ସାହିତ କରିବା।

**୧.୨.୬.** ସଂଗ୍ରହକାରୀ ତଥା ଉପଭୋକ୍ତାମାନଙ୍କୁ ଲାଭ ପ୍ରଦାନ ସହ ଉପଯୁକ୍ତ ତାଲିମ୍‌ର ବ୍ୟବସ୍ଥା କରିବା।

**୧.୨.୭.** ଔଷଧୀୟ ଉଦ୍ଭିଦ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସଂଗ୍ରହ ତଥା ଏଗୁଡ଼ିକର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦେବା।

**୧.୨.୮.** ସଂଗ୍ରହକାରୀ ଓ ଉପଭୋକ୍ତାମାନଙ୍କୁ ସମପରିମାଣରେ ସୁବିଧା ସୁଯୋଗ ଯୋଗାଇ ଦେବା।

## **୧.୩. ସୁଯୋଗ ଓ ଗଠନ ପ୍ରଣାଳୀ**

**୧.୩.୧.** 'ଭାରତୀୟ ଔଷଧୀୟ ଉଦ୍ଭିଦର ଉତ୍ତମ କ୍ଷେତ୍ର ସଂଗ୍ରହ ପ୍ରଣାଳୀ ସମ୍ବନ୍ଧୀୟ ମାର୍ଗଦର୍ଶନ' ଦସ୍ତାବିଜ ମୁଖ୍ୟତଃ ପ୍ରାକୃତିକ ପରିବେଶରୁ ସଂଗୃହୀତ ହେଉଥିବା ଔଷଧୀୟ ପଦାର୍ଥଗୁଡ଼ିକ ପାଇଁ ଉଦ୍ଦିଷ୍ଟ ଏବଂ ଏଥିରେ ଉତ୍ପାଦନ ଓ ଉତ୍ପାଦନ ପରବର୍ତ୍ତୀ ପ୍ରକ୍ରିୟାଗୁଡ଼ିକ ବିଷୟରେ ଆଲୋକପାତ କରାଯାଇଛି। ଏହି ନିର୍ଦ୍ଦେଶାବଳି ଉପଭୋକ୍ତାମାନଙ୍କୁ ପ୍ରାକୃତିକ ପରିବେଶରୁ ସଂଗୃହୀତ ଔଷଧୀୟ ପଦାର୍ଥଗୁଡ଼ିକର ଉତ୍ପାଦନ ପ୍ରକ୍ରିୟା, ପ୍ରାଥମିକ କ୍ରିୟା, ଶୁଷ୍କ କରିବା ପ୍ରଣାଳୀ, ପୁଟୁଳିକରଣ, ରକ୍ଷଣାବେକ୍ଷଣ ଓ ସ୍ଥାନାନ୍ତରିତ କରିବା ପ୍ରକ୍ରିୟା ବିଷୟରେ ଧାରଣା ଦେବ। ତଥାପି ମଧ୍ୟ ଏଥିରେ ଆଲୋକପାତ କରାଯାଇଥିବା ସମସ୍ତ ବିଷୟ ଚାଷ ହେଉଥିବା ଅନେକ ଔଷଧୀୟ ଉଦ୍ଭିଦ ପାଇଁ ପ୍ରଯୋଜ୍ୟ।

**୧.୩.୨** ଏହି ଦସ୍ତାବିଜ ଆଠଗୋଟି ବିଭାଗରେ ବିଭକ୍ତ ହୋଇଛି। ପ୍ରଥମ ବିଭାଗ ଉପକ୍ରମଣିକା, ଲକ୍ଷ୍ୟ, ସଂଯୋଗ ଓ ସାଧନ ବିଷୟରେ ଅବଗତ କରାଉଛି। ଦ୍ୱିତୀୟ ବିଭାଗ ପ୍ରାକୃତିକ ପରିବେଶରୁ ପୌନଃପୁନିକ ଉତ୍ପାଦନ ପାଇଁ ପ୍ରଦତ୍ତ କିଛି ନିୟମାବଳି। ତୃତୀୟ ଓ ଚତୁର୍ଥ ବିଭାଗରେ ଉତ୍ପାଦନ ଓ ଉତ୍ପାଦନ ପରବର୍ତ୍ତୀ ପ୍ରକ୍ରିୟା ସମ୍ବନ୍ଧୀୟ ତଥ୍ୟ ରହିଛି। ପଞ୍ଚମ ବିଭାଗ ସଠିକ ଶୁଷ୍କ ପ୍ରଣାଳୀ, ପୁଟୁଳିକରଣ ଓ ରକ୍ଷଣାବେକ୍ଷଣ ସମ୍ବନ୍ଧରେ ସଚେତନ କରାଏ। ଏହା ସହିତ ଏହା ପୁଟୁଳିକରଣ ପ୍ରକ୍ରିୟାର ସରଳୀକରଣ ସହ ବିଭିନ୍ନ ଔଷଧୀୟ ପଦାର୍ଥର ଭିନ୍ନ ଭିନ୍ନ ସର୍ବନିମ୍ନ ପୁଟୁଳିକରଣ ଆବଶ୍ୟକତା ବିଷୟରେ ସୂଚାଏ। ଷଷ୍ଠ ବିଭାଗରେ ବିଭିନ୍ନ ବର୍ଗର ଔଷଧୀୟ ପଦାର୍ଥଗୁଡ଼ିକୁ ଉତ୍ପାଦନ କରିବା ଓ ତତ୍ ପରବର୍ତ୍ତୀ ଉତ୍ପାଦିତ ପଦାର୍ଥର ପରିଚାଳନା ସମ୍ବନ୍ଧରେ ବିଶଦ ବ୍ୟାଖ୍ୟା ରହିଛି। ସପ୍ତମ ଓ ଅଷ୍ଟମ ବିଭାଗରେ ସମସ୍ତ ପ୍ରଣାଳୀଗୁଡ଼ିକର ଉପଯୁକ୍ତ ଦଲିଲ ପ୍ରସ୍ତୁତକରିବା, ବିଭିନ୍ନ ତାଲିମ୍‌ର ଆୟୋଜନ ଓ ପରିଚାଳନା କରିବା ବିଷୟ ଅନ୍ତର୍ଭୁକ୍ତ ହୋଇଛି।

**୧.୩.୩.** ଔଷଧୀୟ ଉଦ୍ଭିଦକୁ ଅମଳ କରୁଥିବା ଓ ଅମଳ ପରବର୍ତ୍ତୀ ପରିଚାଳନା କରୁଥିବା ଲୋକମାନଙ୍କୁ ବୈଷୟିକ ଶିକ୍ଷା ପ୍ରଦାନ କରିବା ହେଉଛି ଏହି ଦସ୍ତାବିଜ୍‌ର ମୁଖ୍ୟ ଉଦ୍ଦେଶ୍ୟ। ଔଷଧୀୟ ପଦାର୍ଥର ସଂଗ୍ରହ ଓ ପରବର୍ତ୍ତୀ ପରିଚାଳନା ସମ୍ବନ୍ଧରେ ଯଦି ପୂର୍ବ ପ୍ରଚଳିତ କିଛି ଅନୁଭବସିଦ୍ଧ ଜ୍ଞାନ ଓ କୌଶଳ ଥାଏ, ତେବେ ତାହା ଯଥାବତ୍ ଗ୍ରହଣ ଚଳାଇ ରଖାଯାଇପାରେ। ତଥାପି ସଂଗ୍ରହକାରୀମାନଙ୍କର ସେଭଳି ଜ୍ଞାନ କୌଶଳ ଔଷଧୀୟ ଉଦ୍ଭିଦ ପଦାର୍ଥ ମଧ୍ୟରେ ସୀମାବଦ୍ଧ ରହିବା ଦରକାର, ବ୍ୟବସାୟ ପାଇଁ ନୁହେଁ।

**୧.୩.୪.** ଔଷଧ ଓ ପ୍ରସାଧନ ସାମଗ୍ରୀ ଆଇନ ଧାରା ୩ ର ତଫସିଲ୍ (T) ଅନୁସାରେ ଔଷଧୀୟ ଉଦ୍ଭିଦର ଗୁଣବତ୍ତା ଉପରେ ପ୍ରସ୍ତୁତ ଦସ୍ତାବିଜ୍, ଯଥା, 'ଆୟୁର୍ବେଦ, ସିଦ୍ଧ ଓ ୟୁନାନିର ଉତ୍ତମ ପ୍ରସ୍ତୁତି ପ୍ରଣାଳୀ' ସହ ଏହି ମାର୍ଗଦର୍ଶନ ଦସ୍ତାବିଜ୍ ସମାନ ବୋଲି ବିଚାର କରାଯାଇପାରେ।

## **୧.୪. ବ୍ୟବହୃତ ଶବ୍ଦାବଳିର ସଂଜ୍ଞା ନିରୂପଣ :**

ଏହି ଦସ୍ତାବିଜରେ ବ୍ୟବହୃତ କିଛି ଶବ୍ଦାବଳିର ବ୍ୟାଖ୍ୟା ନିମ୍ନରେ ପ୍ରଦାନ କରାଗଲା। ଏଗୁଡ଼ିକୁ ପୂର୍ବରୁ ପାରମ୍ପରିକ ଭାବରେ ବ୍ୟବହାର କରାଯାଇଥିବା ଦସ୍ତାବିଜରୁ ସଂଗ୍ରହ କରାଯାଇଛି ଏବଂ କେତେଗୁଡ଼ିକୁ ଆବଶ୍ୟକ ସ୍ଥଳେ ସାମାନ୍ୟ ଭାବରେ ପରିବର୍ତ୍ତିତ କରାଯାଇ ଯୁଗୋପଯୋଗୀ କରାଯାଇଛି।

**ସଂଗ୍ରହକାରୀ** – ଯେକୌଣସି ବ୍ୟକ୍ତି ଯିଏକି କୌଣସି ଜୀବିତ ବା ମୃତ ଔଷଧୀୟ ଉଦ୍ଭିଦରୁ ନିଜର ଜୀବିକା ବା ବ୍ୟବସାୟ ଉଦ୍ଦେଶ୍ୟରେ ଔଷଧ ସଂପର୍କିତ ପଦାର୍ଥ ସଂଗ୍ରହ କରେ।

**ଦୂଷିତକରଣ –** ଔଷଧୀୟଜାତ ପଦାର୍ଥର ସଂଗ୍ରହ, ଶୁଷ୍କ କରଣ, ଉତ୍ପାଦନ ପ୍ରକ୍ରିୟା, ପୁଟୁଳିକରଣ, ସଂରକ୍ଷଣ ବା ଚାଲାଣ ସମୟରେ କିଛି ଅନାବଶ୍ୟକ ଜୈବିକ ବା ଅଜୈବିକ ମଇଳା ମିଶିଯିବା ବା ସଂକ୍ରମିତ ହେବାର ପ୍ରକ୍ରିୟାକୁ ଦୂଷିତକରଣ କୁହାଯାଏ।

**ସଙ୍କର ଦୂଷିତକରଣ –** ଔଷଧୀୟଜାତ ପଦାର୍ଥର ସଂଗ୍ରହ, ପ୍ରକ୍ରିୟାକରଣ, ଶୁଷ୍କକରଣ, ପୁଟୁଳିକରଣ, ସଂରକ୍ଷଣ ବା ଚାଲାଣ ସମୟରେ ଅନ୍ୟପଦାର୍ଥ ସହ ମିଶ୍ରଣକୁ ସଙ୍କର ଦୂଷିତକରଣ କୁହାଯାଏ।

**ବାହ୍ୟ ପଦାର୍ଥ –** ଔଷଧୀୟ ପଦାର୍ଥ ସହିତ ମିଳୁଥିବା ଅନ୍ୟ ଅଣଔଷଧୀୟ ପଦାର୍ଥକୁ ବାହ୍ୟ ପଦାର୍ଥ କୁହାଯାଏ। ଏହା ମଧ୍ୟ ଔଷଧୀୟ ବୃକ୍ଷଲତାର ବିଭିନ୍ନ ଅଙ୍ଗବିଶେଷ ହୋଇପାରେ ଯାହାକି ସରକାରୀ ଭାବେ ଔଷଧୀୟ ପଦାର୍ଥ ହିସାବରେ ସ୍ୱୀକୃତ ନୁହେଁ।

**ଉଦ୍ଭିଦଜାତ ପଦାର୍ଥର ପ୍ରସ୍ତୁତି* –** ବିଭିନ୍ନ ଔଷଧୀୟ ଉଦ୍ଭିଦର ଅଂଶ ବିଶେଷକୁ ବ୍ୟବହାର କରି ବିଭିନ୍ନ ପ୍ରଣାଳୀ ଦ୍ୱାରା ଔଷଧ ପ୍ରସ୍ତୁତ କରାଯାଏ, ଯଥା – ନିଃସରଣ, ବାଷ୍ପିକରଣ, ଟୁକୁରାକରଣ, ଶୁଦ୍ଧକରଣ, ଘନିକରଣ, ଏବଂ ମିଶ୍ରଣ କିମ୍ବା ଅମ୍ଳିକରଣ ଓ ମନ୍ଥନ। ଏଗୁଡ଼ିକ ମଧ୍ୟରେ କ୍ଷୁଦ୍ର କ୍ଷୁଦ୍ର ଖଣ୍ଡ ବା ଚୂର୍ଣ୍ଣ, ଅର୍କ, ରସ, ନିର୍ଯ୍ୟାସ, ବାଷ୍ପଶୀଳ ତୈଳ, ନିଃସୃତ ରସ ବା ପ୍ରକିୟା କରଣ ଦ୍ୱାରା ନିଃସ୍ରାବିତ ପଦାର୍ଥ ଅନ୍ତର୍ଭୁକ୍ତ। ଏହି ଔଷଧୀୟ ପ୍ରସ୍ତୁତିଗୁଡ଼ିକ ଖାଦ୍ୟ, ଖାଦ୍ୟ ପରିପୂରକ, ଔଷଧ ବା ପ୍ରସାଧନ ସାମଗ୍ରୀ ହୋଇପାରେ।

**ପ୍ରସ୍ତୁତ କର୍ତ୍ତା –** ଗୋଟିଏ କମ୍ପାନି ବା ବ୍ୟକ୍ତି ଯିଏକି ଔଷଧୀୟ ଉଦ୍ଭିଦର ଅଂଶ ବିଶେଷକୁ ବ୍ୟବହାର କରି ଔଷଧୀୟ ସୂତ୍ର, ନିର୍ଯାସ, କ୍ରିୟାଶିଳ ମିଶ୍ରଣ ପ୍ରସ୍ତୁତ କରନ୍ତି।

**ଔଷଧୀୟ ଉଦ୍ଭିଦ –** ଯେ କୌଣସି ଉଦ୍ଭିଦ (ଶୈବାଳ, ଛତୁ, କବକ, ପତ୍ର, ଉଦ୍ଭିଦ, ପୁଷ୍ପହୀନ ଉଦ୍ଭିଦ ଆଦି) ଯାହାକି ସମ୍ପୂର୍ଣ୍ଣ ଭାବରେ ବା ଆଂଶିକ ଭାବରେ ଅଥବା ଏକାକୀ ବା ମିଶ୍ରିତ ଅବସ୍ଥାରେ ପଶୁ ଓ ମାନବର ଚିକିତ୍ସା ବା ସ୍ୱାସ୍ଥ୍ୟବର୍ଦ୍ଧକ ସାମଗ୍ରୀ ଭାବରେ ବ୍ୟବହୃତ ହୁଏ।

**ଔଷଧୀୟ ଉଦ୍ଭିଦ ପଦାର୍ଥ –** ଯାହା ସାମଗ୍ରିକ ଭାବରେ, ଖଣ୍ଡ ଖଣ୍ଡ ବା କଟାଯାଇଥିବା ଅବସ୍ଥାରେ, ସାଧାରଣ ଭାବରେ ଶୁଖିଲା କିନ୍ତୁ ସତେଜ ଅବସ୍ଥାରେ କୌଣସି ଏକ ଔଷଧୀୟ ଉଦ୍ଭିଦରୁ ସଂଗୃହିତ ହୋଇ ପରବର୍ତ୍ତୀ ଅବସ୍ଥାରେ ଔଷଧୀୟ ଦ୍ରବ୍ୟ ନିର୍ମାଣରେ ବା ବ୍ୟବସାୟିକ ସୂତ୍ରରେ ବ୍ୟବହୃତ ହୁଏ, ତାକୁ ଔଷଧୀୟ ଉଦ୍ଭିଦ ପଦାର୍ଥ କହନ୍ତି। ସମ୍ପୂର୍ଣ୍ଣ ବୃକ୍ଷ, ଚେର, ପତ୍ର, କାଣ୍ଡ, କାଷ୍ଠ, ଛାଲ, ଫଳ, ଫୁଲ, ଫୁଲର ଅଂଶ ବିଶେଷ, କ୍ଷରିତ ରସ, ଅଠା, ଝୁଣା ଏହାର ଅନ୍ତର୍ଗତ କିନ୍ତୁ ଏହା ମଧ୍ୟରେ ସୀମାବଦ୍ଧ ନୁହେଁ। ଏହି ଦସ୍ତାବିଜରେ ବର୍ଣ୍ଣିତ 'ଔଷଧୀୟ ଉଦ୍ଭିଦ ପଦାର୍ଥ' ଯଦି ଅନ୍ୟଥା ଲେଖାଯାଇ ନାହିଁ, ତେବେ ଧରାଯିବ ଯେ ଏହା ପ୍ରାକୃତିକ ପରିବେଶରେ ମିଳୁଥିବା ଔଷଧୀୟ ଉଦ୍ଭିଦରୁ ସଂଗୃହୀତ। ଏହି ଦସ୍ତାବିଜରେ 'ଔଷଧୀୟ ଉଦ୍ଭିଦ ପଦାର୍ଥ'କୁ ମଧ୍ୟ ଅନ୍ୟଭାବରେ 'ଉଦ୍ଭିଦ ପଦାର୍ଥ' ବା 'ପଦାର୍ଥ' ଭାବେ ବର୍ଣ୍ଣନା କରାଯାଇଛି।

---

** ବିଭିନ୍ନ ଔଷଧୀୟ ଉଦ୍ଭିଦର ଅଂଶ ବିଶେଷକୁ ବ୍ୟବହାର କରି ବିଭିନ୍ନ ପ୍ରଣାଳୀ ଦ୍ୱାରା ଔଷଧ ପ୍ରସ୍ତୁତ କରାଯାଏ, ଯଥା- ନିଃସରଣ, ବାଷ୍ପିକରଣ, ଟୁକୁରାକରଣ, ଶୁଦ୍ଧକରଣ, ଘନିକରଣ ଏବଂ ମିଶ୍ରଣ କିମ୍ବା ଅମ୍ଳିକରଣ ଓ ମନ୍ଥନ। ଏଗୁଡ଼ିକ ମଧରେ କ୍ଷୁଦ୍ର କ୍ଷୁଦ୍ର ଖଣ୍ଡ ବା ଚୂର୍ଣ୍ଣ, ଅର୍କ, ରସ, ନିର୍ଯ୍ୟାସ, ବାଷ୍ପଶୀଳ ତୈଳ, ନିଃସୃତ ରସ ବା ପ୍ରକିୟାକରଣ ଦ୍ୱାରା ନିଃସ୍ରାବିତ ପଦାର୍ଥ ଅନ୍ତର୍ଭୁକ୍ତ।*

**ଶାରୀରିକ କ୍ରମ ବିକାଶର ସ୍ତର** - ଋତୁ ଓ ସଂପୃକ୍ତ ଅଂଚଳର ପାଗ ଅନୁସାରେ ବିଭିନ୍ନ ସ୍ତର ଦେଇ ଉଭିଦର ଶାରୀରିକ କ୍ରମ ବିକାଶ ଓ ଉନ୍ନତି।

**ଉତ୍ପାଦନ ପରବର୍ତ୍ତୀ ପରିଚାଳନା** - ଉତ୍ପାଦନ ପରବର୍ତ୍ତୀ ଅବସ୍ଥାରେ ବିକ୍ରୟ ବା ବ୍ୟବହାର ପର୍ଯ୍ୟନ୍ତ ଔଷଧୀୟ ଉଭିଦ ପଦାର୍ଥଗୁଡ଼ିକର ଆବଶ୍ୟକ ରକ୍ଷଣାବେକ୍ଷଣ ପ୍ରଣାଳୀ।

**ପ୍ରାଥମିକ ପ୍ରକ୍ରିୟା** - ଧୋଇବା, କାଟିବା, ବାଛିବା, ଛେଲିବା, ଚିପୁଡ଼ିବା, ଘଷିବା, ଶୁଖେଇବା ଏବଂ ଶ୍ରେଣୀବଦ୍ଧ ବିନ୍ୟାସ ଅବା ସେହିପରି କିଛି କାମ, ଯାହା ଦ୍ୱାରାକି ଔଷଧୀୟ ଉଭିଦ ପଦାର୍ଥ ବ୍ୟବହାର ଉପଯୋଗୀ ହୋଇପାରେ।

**କ୍ରିୟାବିଧି ସମ୍ପାଦନ କରିବାର ମାନଦଣ୍ଡ ବା (ଷ୍ଟାଣ୍ଡାର୍ଡ ଅପରେଟିଙ୍ଗ ପ୍ରୋସିଡିୟୋର -SOP)**- ଏହା ଏକ ଲିଖିତ ଦସ୍ତାବିଜ୍ ଯେଉଁଥିରେ କୌଣସି କାର୍ଯ୍ୟକୁ ସମ୍ପାଦନ କରିବାର କ୍ରିୟାବିଧି ସଂପର୍କରେ ନିର୍ଦ୍ଦେଶାବଳି ଥାଏ।

**ଔଷଧୀୟ ଉଭିଦର ପୌନଃପୁନିକ ବ୍ୟବହାର** - ପ୍ରକୃତିରେ ମିଳୁଥିବା ଔଷଧୀୟ ଉଭିଦକୁ ଏପରି ଢଙ୍ଗରେ ଓ ମାତ୍ରାରେ ବ୍ୟବହାର କରାଯିବା ଆବଶ୍ୟକ ଯାହା ଦ୍ୱାରା ଉକ୍ତ ଔଷଧୀୟ ଉଭିଦ ବା ଲତାର ସଂଖ୍ୟା ଦୀର୍ଘ ସମୟ ପାଇଁ ହ୍ରାସ ଘଟିବନି। ଫଳରେ ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ିଙ୍କର ଆକାଂକ୍ଷା ଓ ଆବଶ୍ୟକତା ପୂର୍ଣ୍ଣ ହୋଇପାରୁଥିବ।

**ଚିରନ୍ତନ ଅମଳ** - ଉଭିଦ ସମ୍ବଳକୁ ଅମଳ ସମୟରେ ଏଭଳି ସ୍ତରରେ ଏବଂ ଏପରି ଭାବରେ କରାଯିବା ଆବଶ୍ୟକ, ଯାହା ଫଳରେ ଉଭିଦଟି ଚିରନ୍ତନ ଭାବେ ଅମଳ ଦେବାପାଇଁ ସକ୍ଷମ ହେଉଥିବ।

**ପ୍ରାକୃତିକ ଔଷଧୀୟ ଉଭିଦ** - କୌଣସି ଔଷଧୀୟ ଉଭିଦ ଯାହାକି ପ୍ରକୃତି କୋଳରେ ମନକୁ ମନ ବା ଧାରାବାହିକ ଭାବରେ ବଂଶବିସ୍ତାର କରେ ଅଥବା ବିଭିନ୍ନ ସାଧନ ପରିଚାଳନା ଗତ ହସ୍ତକ୍ଷେପ ଫଳରେ ବଂଶ ବିସ୍ତାର କରେ।

# ୨. ନିୟାମକ ଆବଶ୍ୟକତାର ଅନୁପାଳନ

ଔଷଧୀୟ ଉଦ୍ଭିଦଜାତ ପଦାର୍ଥର ସଂଗ୍ରହ, ପ୍ରକ୍ରିୟାକରଣ, ସଂରକ୍ଷଣ ଓ ବିକ୍ରୟ, ପ୍ରଚଳିତ ଆଇନ୍ ଅନୁସାରେ ହେବା ଦରକାର। ଭାରତୀୟ ଜଙ୍ଗଲ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଏକ ସମତାବଲମ୍ବୀ ବିଷୟ ହୋଇଥିବାରୁ ଏହା ଦୁଇ ସରକାରଙ୍କର ସହମତରେ ନିୟନ୍ତ୍ରଣ ହୁଏ। ଏହା ଉଭୟ କେନ୍ଦ୍ର ଓ ରାଜ୍ୟର ପ୍ରଣୀତ ଆଇନ୍ ଅନୁସାରେ ସଂପାଦିତ ହେବା ଆବଶ୍ୟକ କରେ। ଏହା ଛଡ଼ା ମଧ୍ୟ ଅନ୍ତର୍ଜାତୀୟ ସ୍ତରରେ ଭାରତ ବିଭିନ୍ନ ପରିବେଶ ଜୈବ ବିବିଧତା ତଥା ସୁରକ୍ଷା ଓ ସନ୍ଧିପତ୍ରର ଅଂଶୀଦାର ହୋଇଥିବାରୁ ତତ୍‌ସଂଲଗ୍ନ କିଛି ବିଧିବ୍ୟବସ୍ଥା ଓ ନିୟାମକଗୁଡ଼ିକୁ ପ୍ରାକୃତିକ ଔଷଧୀୟ ପଦାର୍ଥଗୁଡ଼ିକର ସଂଗ୍ରହ ସମୟରେ ମାନିବା ଉଚିତ୍।

## ୨.୧. ଅନ୍ତର୍ଜାତୀୟ ବିଧିବ୍ୟବସ୍ଥା ଓ ମାର୍ଗଦର୍ଶନ :

ପ୍ରକୃତିରୁ ଉଦ୍ଭିଦଜାତ ଦ୍ରବ୍ୟର ସଂଗ୍ରହ ସମୟରେ କନ୍‌ଭେନ୍‌ସନ୍ ଅନ୍ ଇଣ୍ଟରନେସନାଲ୍ ଟ୍ରେଡ୍ ଇନ୍ ଏନ୍‌ଡେନ୍‌ଜରଡ୍ ସ୍ପେସିଜ୍ ଅଫ୍ ଓ୍ୱାଇଲଡ୍ ଫାଉନା ଏଣ୍ଡ ଫ୍ଲୋରା (CITES) ର ପ୍ରଚଳିତ ନିୟାମକଗୁଡ଼ିକୁ ନିଶ୍ଚିତ ରୂପେ ପାଳନ କରିବା ଉଚିତ୍। ଉଦ୍ଭିଦଜାତ ପଦାର୍ଥଗୁଡ଼ିକ ରପ୍ତାନୀ କ୍ଷେତ୍ରରେ ଆମଦାନୀ କରୁଥିବା ଦେଶର ବିଧି ବିଧାନ ଓ ନିୟମକୁ ଉଚିତ ସମ୍ମାନ ଦେବା ଆବଶ୍ୟକ। ଆମଦାନୀ କରୁଥିବା ଦେଶର ନିୟାମକ ଅଧିକାରୀମାନଙ୍କ ଛଡ଼ା CITES, ଇଣ୍ଟରନେସନାଲ୍ ୟୁନିଅନ୍ ଅଫ୍ କଂଜରଭେସନ୍ ଅଫ୍ ନେଚର ଆଣ୍ଡ ନେଚୁରାଲ ରିସୋର୍ସେସ୍ (IUCN) ଏବଂ ଟ୍ରେଡ ରେକର୍ଡ ଆନାଲିସସ୍ ଅଫ୍ ଫାଉନା ଆଣ୍ଡ ଫ୍ଲୋରା ଇନ୍ କମର୍ସ (TRAFFIC) ଅନୁଷ୍ଠାନର ସ୍ଥାନୀୟ ପରିଚାଳନା କାର୍ଯ୍ୟାଳୟ ସହ ବିଧିବିଧାନ ଓ ନିୟମ ସମ୍ବନ୍ଧରେ ଆଲୋଚନା ବିଧେୟ।

## ୨.୨. ଜାତୀୟ ବିଧିବ୍ୟବସ୍ଥା :

ସମୟକ୍ରମେ ଭାରତ ସରକାର ପ୍ରାକୃତିକ ସାଧନ ସହିତ ଔଷଧୀୟ ଉଦ୍ଭିଦର ସଂରକ୍ଷଣ ଏବଂ ଚିରସ୍ଥାୟୀ ବ୍ୟବହାର ନିମନ୍ତେ କେତେଗୁଡ଼ିଏ ଆଇନ ପ୍ରଣୟନ କରଛନ୍ତି। ଭାରତୀୟ ବନ ଆଇନ ୧୯୨୭, ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ ୧୯୭୨, ବନ (ସଂରକ୍ଷଣ) ଆଇନ ୧୯୮୦, ଜୈବ ବିବିଧତା ଆଇନ ୨୦୦୨, ଆଦିବାସୀ ଓ ଅନ୍ୟ ପାରମ୍ପରିକ ବନବାସୀମାନଙ୍କର (ଜଙ୍ଗଲ ସତ୍ୱ) ଆଇନ ୨୦୦୬ରେ ଔଷଧୀୟ ଉଦ୍ଭିଦ ପଦାର୍ଥର ସଂଗ୍ରହ, ପରିବହନ ଓ ବିକ୍ରୟ ବ୍ୟବସ୍ଥା ଉଲ୍ଲେଖ ଅଛି। ଏଣୁ ସଂଗ୍ରାହକ ଓ ସଂଗ୍ରହ ପରିଚାଳକମାନେ ନିଶ୍ଚିତ ଭାବରେ ଉକ୍ତ ଆଇନ ଓ ସମୟକ୍ରମେ ପରିବର୍ତ୍ତନ କରାଯାଉଥିବା ସର୍ବଶେଷ ଆଇନ ଓ ନୀତି ନୟମ ସମ୍ବନ୍ଧରେ ସଚେତନ ରହିବା ସହ ଉଲ୍ଲିଖିତ ସର୍ତ୍ତ ମାନିବା ଉଚିତ୍। ଆଇନ ଓ ଆଇନର ବିଭିନ୍ନ ଧାରା ବ୍ୟତୀତ ସଂଗ୍ରାହକମାନେ ଆମଦାନୀ ଓ ରପ୍ତାନୀର ନୀତି ତଥା ରପ୍ତାନୀ-ନିଷିଦ୍ଧ ତାଲିକାକୁ ଜାଣିବା ଉଚିତ୍ ଯାହାକୁ ଭାରତ ସରକାର କାଳକ୍ରମେ ନୀତି ନିୟମ ପାଳନ ପାଇଁ ପ୍ରକାଶ କରୁଛନ୍ତି।

## ୨.୩. ସ୍ଥାନୀୟ ବିଧିବ୍ୟବସ୍ଥା :

ଭାରତର ଅଧିକାଂଶ ପ୍ରଦେଶ ନିଜର ବନଜାତ ଦ୍ରବ୍ୟର ନିଷ୍କାସନ ଓ ବ୍ୟବହାର ପାଇଁ କିଛି କିଛି ଅତିରିକ୍ତ ଆଇନ ପ୍ରଣୟନ କରିଛନ୍ତି ଓ ଲାଗୁ କରିଛନ୍ତି। ଉଦାହରଣ ସ୍ୱରୂପ - ମଧ୍ୟପ୍ରଦେଶର ଚିରସ୍ଥାୟୀ ଅମଳ ଆଇନ ୨୦୦୫, ଆନ୍ଧ୍ର ପ୍ରଦେଶର ରକ୍ତଚନ୍ଦନ କାଷ୍ଠ ଅଧିକାର ଆଇନ ୧୯୮୯, ହିମାଚଳ ପ୍ରଦେଶର ବନଜାତ ପଦାର୍ଥର ପରିବହନ

(ସ୍ଥଳ ପଥରେ) ଆଇନ ୧୯୭୭, ତାମିଲନାଡୁର ଚନ୍ଦନକାଷ୍ଠ ପରିବହନ ଆଇନ ୧୯୬୭ ଏବଂ ମହାରାଷ୍ଟ୍ରର ବନଜାତ ଦ୍ରବ୍ୟର (ବ୍ୟବସାୟ ବିନିମୟ) ଆଇନ ୧୯୬୯ ।

ଏତଦ୍‌ବ୍ୟତୀତ ଭାରତର ଅଧିକାଂଶ ରାଜ୍ୟ 'ଭାରତୀୟ ଜଙ୍ଗଲ ଆଇନ ୧୯୨୭' ର ସଂଶୋଧନ କରି ଆଞ୍ଚଳିକ ସ୍ତରୀୟ ଆବଶ୍ୟକତା ଓ ବିଧିବ୍ୟବସ୍ଥା ପ୍ରକାରେ ପ୍ରାକୃତିକ ସଂପଦର ସଂରକ୍ଷଣ ଓ ବ୍ୟବହାରକୁ ନିୟନ୍ତ୍ରଣ କରୁଛନ୍ତି । ଏଣୁ ସଂଗ୍ରାହକ ଓ ସଂଗ୍ରହ ପରିଚାଳକମାନେ ଯେତେବେଳେ କୌଣସି ଅଂଚଳରେ କାର୍ଯ୍ୟକରୁଛନ୍ତି, ସେଠାରେ ପ୍ରଚଳିତ ଔଷଧୀୟ ପଦାର୍ଥର ସଂଗ୍ରହ, ପରିବହନ ଓ ବିକ୍ରୟ ନିୟନ୍ତ୍ରଣ ବିଧିବ୍ୟବସ୍ଥା ଓ ନିୟମ ବିଷୟରେ ସଚେତନ ରହିବା ଉଚିତ ଓ ପାଳନ କରିବା ଉଚିତ୍ ।

## ୨.୪. ସଂଗ୍ରହ ପାଇଁ ଅନୁମତି :

ବ୍ୟବସ୍ଥା ଅନୁସାରେ ଯେଉଁଠି ଆବଶ୍ୟକ, ସଂଗ୍ରାହକ ବା ସଂଗ୍ରହ ପରିଚାଳକମାନେ ଔଷଧୀୟ ଉଦ୍ଭିଦ ପଦାର୍ଥର ସଂଗ୍ରହ, ପରିବହନ ଓ ବିକ୍ରୟ ପାଇଁ କ୍ଷମତାପ୍ରାପ୍ତ ସଂସ୍ଥାଠାରୁ ପୂର୍ବରୁ ଲିଖିତ ଅନୁମତି ପତ୍ର ନେବା ଉଚିତ । ଉକ୍ତ ଆଦେଶ ପତ୍ରର କପି ନିଜ ପାଖରେ ରଖିବା ଉଚିତ । ଏହି ଔଷଧୀୟ ପଦାର୍ଥର ବାଣିଜ୍ୟ ସମୟରେ ଆଇନ ଅନୁଯାୟୀ ଆବଶ୍ୟକୀୟ କାଗଜପତ୍ର ରହିବା ଉଚିତ ।

# ୩. ଔଷଧୀୟ ଉଦ୍ଭିଦଜାତ ପଦାର୍ଥର ଅମଳ

ଔଷଧୀୟ ଉଦ୍ଭିଦଗୁଡ଼ିକରୁ ଔଷଧୀୟ ପଦାର୍ଥର ଅମଳ ଏପରି ଭାବରେ ଓ ଏପରି ପରିମାଣରେ ହେବା ଦରକାର ଯାହା ଫଳରେ ଉଦ୍ଭିଦଗୁଡ଼ିକ ସେମାନଙ୍କର ପ୍ରାକୃତିକ ଜନ୍ମସ୍ଥାନରେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବଂଚି ରହିପାରିବେ। ସଂଗ୍ରାହକମାନେ ଏଭଳି ଅମଳ ପ୍ରକ୍ରିୟା ଅନୁସରଣ କରିବା ଉଚିତ୍ ଯାହା କେବଳ ସେମାନଙ୍କର ବ୍ୟବସାୟିକ ଚାହିଦା ପୂରଣ କରୁ ନଥିବ, ଗୁଣବତ୍ତା ମଧ୍ୟ ବଜାୟ ରଖିପାରୁଥିବ। ଏଥିପାଇଁ ସଂଗ୍ରାହକ ତଥା ସଂଗ୍ରହ ପରିଚାଳକମାନେ ନିମ୍ନଲିଖିତ ମାର୍ଗଦର୍ଶନ ଅନୁସରଣ କରିବା ଉଚିତ୍।

## ୩.୧. ଗୁଣବତ୍ତା ବିଚାର

**୩.୧.୧. ପ୍ରଜାତିଗୁଡ଼ିକର ଉଦ୍ଭିଦ ସଂପର୍କିତ ଜାତି ପ୍ରମାଣ :** ପ୍ରାକୃତିକ ପରିବେଶରୁ ଉଦ୍ଭିଦଟିର ସଂଗ୍ରହ ପୂର୍ବରୁ ଏହାର ଜାତି ସଂପର୍କିତ ପରିଚୟକୁ ପ୍ରତିପାଦନ କରିବାକୁ ପଡ଼ିବ। ଔଷଧୀୟ ପଦାର୍ଥ ଅମଳ ହେଉଥିବା ଉଦ୍ଭିଦଟିର ବିସ୍ତୃତ ପରିଚୟକୁ ଯାଞ୍ଚ କରିବା ଓ ଲିପିବଦ୍ଧ କରିବା ଉଚିତ୍। ଆବଶ୍ୟକ ହେଉଥିବା ସୂଚନା ମଧ୍ୟରେ ବର୍ଗ, ପ୍ରଜାତି, ଉପପ୍ରଜାତି (ଯଦି ଥାଏ) ସହିତ ଲେଖକଙ୍କର ଉଦ୍ଧୃତି ମଧ୍ୟ ରହିବା ଦରକାର। ସଂଗ୍ରହ କରାଯାଉଥିବା ବୃକ୍ଷ ପ୍ରଜାତି ଭାରତୀୟ ଆର୍ଯ୍ୟୁବେଦୀୟ ପ୍ରୟୋଗ ଶାସ୍ତ୍ର, ଭାରତୀୟ ହୋମିଓପାଥିକ ପ୍ରୟୋଗ ଶାସ୍ତ୍ର, ଭାରତୀୟ ସିଦ୍ଧଶାସ୍ତ୍ର ପ୍ରଣାଳୀ ପ୍ରୟୋଗ ଶାସ୍ତ୍ର, ଭାରତୀୟ ୟୁନାନି ପ୍ରଣାଳୀ ପ୍ରୟୋଗ ଶାସ୍ତ୍ର, ଭାରତୀୟ ଔଷଧିଜନିତ ପ୍ରୟୋଗ ଶାସ୍ତ୍ର, ଭାରତୀୟ ହର୍ବାଲ ପ୍ରୟୋଗ ଶାସ୍ତ୍ର ଅଥବା କୌଣସି ସ୍ୱୀକୃତ ବା ଚିହ୍ନଟ ବହି ଯଥା- ICMR Monograph କିମ୍ବା ଆର୍ଯ୍ୟୁବେଦର ପ୍ରମୁଖ ଉଦ୍ଭିଦ ପୁସ୍ତକ ଇତ୍ୟାଦିରେ ଚିହ୍ନିତ ଓ ବର୍ଣ୍ଣିତ ପ୍ରକାରେ ହେବା ଆବଶ୍ୟକ। ଯଦି କୌଣସି ନୂଆ ଔଷଧୀୟ ଉଦ୍ଭିଦ ସଂଗ୍ରହ କରାଯାଏ ଯାହାକି ଉପରୋକ୍ତ ପ୍ରୟୋଗ ଶାସ୍ତ୍ର ବା ପୁସ୍ତକରେ ଚିହ୍ନିତ ବା ବର୍ଣ୍ଣିତ ନୁହେଁ, ତେବେ ତା'ର ପରିଚୟ ଚିହ୍ନଟ ବଟାନିକାଲ ସର୍ଭେ ଅଫ୍ ଇଣ୍ଡିଆ (BSI) ବା ଫରେଷ୍ଟ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (FRI) ଅବା କୌଣସି ସ୍ୱୀକୃତ ଜାତୀୟ ବା ଆଞ୍ଚଳିକ ଉଦ୍ଭିଦ ସଂଗ୍ରହ କେନ୍ଦ୍ରରୁ କରାଯାଇପାରେ।

**୩.୧.୨. ସୁସ୍ଥ ଉଦ୍ଭିଦ ସଂଗ୍ରହ :** ଆବଶ୍ୟକ ହେଉଥିବା ଉଦ୍ଭିଦ ପ୍ରଜାତିର ବଂଶରୁ କେବଳ ସୁସ୍ଥଗୁଡ଼ିକୁ ଅମଳ କରିବା ଉଚିତ୍। ଯେଉଁ ଗୁଡ଼ିକ ଉଦ୍ଭିଦ କୀଟ, କବକ, ଛତୁ, ବୀଜାଣୁ ବା ମହାମାରୀ ଭୂତାଣୁ ଦ୍ୱାରା ଆକ୍ରାନ୍ତ ସେଗୁଡ଼ିକୁ ପରିତ୍ୟାଗ କରିବା ଉଚିତ୍ (ଔଷଧୀୟ ଗୁଣଯୁକ୍ତ ଆକ୍ରାନ୍ତ ଉଦ୍ଭିଦକୁ ଛାଡ଼ି, ଯଥା - କୀଟ ଦ୍ୱାରା ସୃଷ୍ଟ ସ୍ଫିତ ଅଂଶ, ଝୁଣା କାଠ, ବା ଉଦ୍ଭିଦର ନିର୍ଦ୍ଦିଷ୍ଟ ଅଂଶ ଯାହାକି ଛତୁ ଜୀବାଣୁ ବା କବକଙ୍କ ଦ୍ୱାରା ସୃଷ୍ଟ) କାରଣ ଏହା ସଂପୂର୍ଣ୍ଣ ଔଷଧୀୟ ପଦାର୍ଥର ଗୁଣବତ୍ତାକୁ ହ୍ରାସ କରିଦିଏ।

**୩.୧.୩. ସଠିକ୍ ଶାରୀରିକ ଗଠନ ସମୟରେ ସଂଗ୍ରହ ବା ଅମଳ:** ଉଦ୍ଭିଦର ଶାରୀରିକ ବିକାଶ ଓ ଉନ୍ନତି ସହିତ ତା' ମଧ୍ୟରେ ଥିବା ଜୈବିକ କ୍ରିୟାଶୀଳ ଉପାଦାନଗୁଡ଼ିକର ସଂଘଟନ ଓ ବିଘଟନ ହୁଏ। ତେଣୁ ଔଷଧୀୟ ଉଦ୍ଭିଦଜାତ ପଦାର୍ଥରେ ସର୍ବାଧିକ ଜୈବିକ କ୍ରିୟାଶୀଳ ଉପାଦାନକୁ ନିଶ୍ଚିତ କରିବା ପାଇଁ ଉଦ୍ଭିଦଟିର ସଠିକ୍ ଶାରୀରିକ ବିକାଶ ଅବସ୍ଥାରେ ଅମଳ କରିବା ଉଚିତ୍। ଯେଉଁ ପ୍ରଜାତି ପାଇଁ ସଠିକ୍ ଶାରୀରିକ ବିକାଶର ଅବସ୍ଥାକୁ ନିରୁପିତ କରାଯାଇନି, ସେହି ସ୍ଥଳରେ ସଂଗ୍ରାହକ ବା ସଂଗ୍ରହ ପରିଚାଳକ ନିଶ୍ଚିତ ରୂପେ ଏହି ଉଦ୍ଭିଦ ପ୍ରଜାତିରୁ ଔଷଧି ପଦାର୍ଥ ପ୍ରସ୍ତୁତ କରୁଥିବା ଦାୟିତ୍ୱବାନ ବ୍ୟକ୍ତିଙ୍କ ସହ ପରାମର୍ଶ କରିବା ଉଚିତ୍। ପ୍ରତ୍ୟେକ ଔଷଧୀୟ ଉଦ୍ଭିଦର ଶାରୀରିକ କ୍ରମ ବିକାଶ ଅନୁସାରେ ସଂଗ୍ରହ କରିବାର ସମୟ ସହିତ ତାରିଖ ଓ ମାସ ଲିପିବଦ୍ଧ ହେବା ଆବଶ୍ୟକ।

**୩.୧.୪. ସଂଗ୍ରହର ଋତୁ ବା ପାଗ :** ବର୍ଷା, କୁହୁଡ଼ି ବା ବାୟୁମଣ୍ଡଳୀୟ ଆଦ୍ରତା ଅତ୍ୟନ୍ତ ଅଧିକ ଥିବା ସମୟରେ ଅମଳ ପ୍ରକ୍ରିୟା କରିବା ଉଚିତ୍ ନୁହେଁ; କାରଣ, ଏହି ସମୟରେ ବିଭିନ୍ନ ପ୍ରକାର ଫିମ୍ପି ଆକ୍ରମଣ କରିଥାଏ। ଯଦି ଆଦ୍ର ଅବସ୍ଥାରେ କୌଣସି ଅମଳ ଏକାନ୍ତ ଆବଶ୍ୟକ, ତେବେ ଉକ୍ତ ପଦାର୍ଥରୁ ଜଳୀୟ ଅଂଶ ନିଷ୍କାସନ କରିବା ପାଇଁ ଓ ଏହାକୁ ଶୁଷ୍କ କରିବା ପାଇଁ ସୁବନ୍ଦୋବସ୍ତ କରିବା ଉଚିତ୍। ଓଦାଥିବା ଔଷଧୀୟ ପଦାର୍ଥଗୁଡ଼ିକ କଅଁଳ ଛାଇରେ ଶୁଖା ଯାଇପାରେ। ଦିନର ପ୍ରଥମ ପ୍ରହରରେ ସଂଗ୍ରହ କରିବା ଅନୁଚିତ୍, କାରଣ ଏହାଦ୍ୱାରା କାକରର ପ୍ରଭାବକୁ ଏଡ଼ାଇ ଦିଆଯାଇପାରେ। କିନ୍ତୁ କେତେକ ସ୍ଥଳରେ ଫୁଲର କେଶର ଇତ୍ୟାଦି ଅତି ସକାଳୁ ସଂଗ୍ରହ କରାଯାଇପାରେ ଯାହାକି କାକର ଦ୍ୱାରା ସଠିକ୍ ଭାବରେ ସଂଗୃହିତ ହୋଇପାରିବ।

**୩.୧.୫. ସଂଗ୍ରହର ଉପଯୁକ୍ତ ସ୍ଥାନ :** ଔଷଧୀୟ ବୃକ୍ଷଜାତ ପଦାର୍ଥର ସଂଗ୍ରହ କେବଳ ସେହିଭଳି ସ୍ଥାନମାନଙ୍କରୁ କରାଯାଇପାରେ, ଯେଉଁ ସ୍ଥାନ ସଫା ସୁତୁରା ଏବଂ ଆବର୍ଜନା ଶୂନ୍ୟ ରହିଥିବ ଏବଂ କୌଣସି କୀଟ, ରାସାୟନିକ ପଦାର୍ଥ, ବିଷାକ୍ତବାଷ୍ପ, ନାଳନର୍ଦ୍ଦମା, ଗାଡ଼ି ମଟର ପ୍ରଭୃତି ଦ୍ୱାରା ଆକ୍ରାନ୍ତ ହେଉ ନଥିବ। ଔଷଧୀୟ ପଦାର୍ଥର ସଂଗ୍ରହ କଳକାରଖାନା, ନାଳନର୍ଦ୍ଦମା, ଶ୍ମଶାନ, ଡାକ୍ତରଖାନା, ଖଣିଖାଦାନ, ଗାଡ଼ିମଟର ସଜଡ଼ା ସ୍ଥାନ ପ୍ରଭୃତିରୁ ବର୍ଜନୀୟ, ଏବଂ ଯେଉଁଠାରେ ଔଷଧୀୟ ବୃକ୍ଷଗୁଡ଼ିକ ରୋଗାକ୍ରାନ୍ତ ହେବାର ବା ବିଷାକ୍ତ ହେବାର ସମ୍ଭାବନା ଅଛି, ସେଠାରୁ କରାଯିବା ଅନୁଚିତ୍। ସାଧାରଣତଃ ଅତ୍ୟଧିକ ଗାଡ଼ିମଟର ଚଳାଚଳ କରୁଥିବା ରାସ୍ତା ପାର୍ଶ୍ୱରୁ ଔଷଧୀୟ ଜାତ ପଦାର୍ଥ ସଂଗ୍ରହ କରିବା ଅନୁଚିତ, କାରଣ ଏହା ଗାଡ଼ି ମଟରରୁ ନିର୍ଗତ ବିଷାକ୍ତ ବାଷ୍ପଦ୍ୱାରା ଆଚ୍ଛାଦିତ ହୋଇ ମାନବ ବ୍ୟବହାର ଯୋଗ୍ୟ ହୋଇ ନଥାଏ।

**୩.୧.୬. ବର୍ଗୀକରଣ :** ଔଷଧୀୟ ପଦାର୍ଥ ଗୁଡ଼ିକ ପକ୍ୱ ଓ ଅପରିପକ୍ୱ ଭିତ୍ତିରେ ବର୍ଗୀକରଣ ହେବା ଆବଶ୍ୟକ ନଚେତ୍ ଏହା ସମସ୍ତ ଔଷଧୀୟ ପଦାର୍ଥର ଗୁଣବତ୍ତାକୁ ହ୍ରାସ କରିପାରେ। ଯେଉଁଠାରେ ବିଭିନ୍ନ ବର୍ଗର ଔଷଧୀୟ ପଦାର୍ଥର ବେପାର କରାଯାଏ, ସେଠାରେ ପ୍ରଚଳିତ ଧାରା ଅନୁସାରେ ଏହାକୁ ବର୍ଗୀକରଣ କରିବା ବିଧେୟ। ବିଭିନ୍ନ ବର୍ଗୀକରଣର ପ୍ରକ୍ରିୟା ଏକ ନିର୍ଦ୍ଦିଷ୍ଟ ଧାରାରେ ହେବା ଉଚିତ୍ (ଯଥା ଚେରର ଗୋଲେଇ ଆକାର, ଫଳର ଆକାର ଓ ଓଜନ ପ୍ରଭୃତି)*। ଏହି ପ୍ରକ୍ରିୟା ଅମଳର ଠିକ୍ ପରେ ବା ପଦାର୍ଥର ଶୁଷ୍କକରଣ ପ୍ରକ୍ରିୟା ପରେ ପରେ ହେବା ଉଚିତ୍ ଯାହାକି ପ୍ରକ୍ରିୟା ପାଇଁ ସହଜପ୍ରଦ ହେବ।

**୩.୧.୭. ବାହ୍ୟ ପଦାର୍ଥ :** ଔଷଧୀୟ ପଦାର୍ଥ ସହିତ ଆକସ୍ମିକ ଭାବରେ ଯେପରି କୌଣସି ବାହ୍ୟ ପଦାର୍ଥ ନ ମିଶେ ସେଥିପ୍ରତି ଯତ୍ନବାନ ହେବା ଉଚିତ୍। ଅମଳ ବା ଅମଳ ପରବର୍ତ୍ତୀ ସମୟରେ ଔଷଧୀୟ ପଦାର୍ଥରେ କିଛି ବାହ୍ୟ ପଦାର୍ଥ ଯଥା ମାଟି ଓ ଜୈବ ପଦାର୍ଥ ଯଥା – ପତ୍ର, କାଣ୍ଡ, କାଷ୍ଠଖଣ୍ଡ ଅବା ଖାଦ୍ୟ ପଦାର୍ଥ ନିଶ୍ଚିତଭାବେ ମିଶିଯିବାର ସମ୍ଭାବନା ଥାଏ। ସଂଗ୍ରାହକମାନେ ଏଥିପ୍ରତି ସଚେତନ ରହି ଏଗୁଡ଼ିକୁ ପରିତ୍ୟାଗ କରିବା ବିଧେୟ। ଏହା ସହିତ ମଧ୍ୟ ଅନ୍ୟ ଔଷଧୀୟ ପଦାର୍ଥର ଅମଳ ବା ପ୍ରକ୍ରିୟାକରଣ ସମୟରେ ଯେପରି ଏଗୁଡ଼ିକ ପ୍ରଦୂଷିତ ନହୁଏ, ସେଥିପ୍ରତି ଦୃଷ୍ଟି ଦେବେ।

**୩.୧.୮. ବିଷାକ୍ତ ଗଛଲତା ସହ ମିଶ୍ରଣ:** ପ୍ରାକୃତିକ ପରିବେଶରେ ଔଷଧୀୟ ଉଦ୍ଭିଦ ସହ କିଛି ଅନାବନା ବିଷାକ୍ତ ଗଛଲତା ମଧ୍ୟ ବଢ଼ି ଥାଆନ୍ତି। ତେଣୁ ସଂଗ୍ରହ କାଳରେ ଯେପରି ଏହି ବିଷାକ୍ତ ଗଛଲତାର ଅଂଶ ଔଷଧୀୟ ଉଦ୍ଭିଦର ଅଂଶ ସହ ନ ମିଶେ, ସେଥିପ୍ରତି ଯତ୍ନବାନ ହେବା ଉଚିତ୍।

---

** ଉଦାହରଣ ସ୍ୱରୂପ 'Acacia catechu ଆକାଶିଆ କାଟେଚୁ'ର ଶୃଙ୍ଖଳା ମଂଜକାଠ ପାଇଁ, ଯଥା ଖଇର ପାଇଁ ଥିବା 'ଆଗମାର୍କ' ବର୍ଗୀକରଣ ନିୟମ।* Acacia catechu:http://www.agmarknet.nic.in/catechugmr.pdf.

## ୩.୨.  ପରିବେଶ ବିଚାର :

ପୂର୍ବରୁ ଯଥେଷ୍ଟ ଜ୍ଞାନ କୌଶଳ ଓ ଅଭିଜ୍ଞତା ନଥାଇ ପ୍ରକୃତି କୋଳରୁ ଔଷଧୀୟ ଉଦ୍ଭିଦ ସଂଗ୍ରହ କଲେ, ପରିବେଶକୁ ଏକାଧିକ ଦିଗରୁ କ୍ଷତି ପହଞ୍ଚି ପାରେ।  ଔଷଧୀୟ ଉଦ୍ଭିଦକୁ ଚିରସ୍ଥାୟୀ ପଦ୍ଧତିରେ ଅମଳ କରିବାର ଉପାୟ ନଜାଣି  ଅମଳ କରାଯାଉଥିବାରୁ, ତାହାର ପରିଣାମ ବର୍ତ୍ତମାନ ବିଶ୍ୱ ସ୍ତରରେ ଅନୁଭୂତ ହେଲାଣି। କାରଣ ଯେ କୌଣସି ଔଷଧୀୟ ଉଦ୍ଭିଦକୁ ଅଧିକ ଆହରଣ କଲେ, ପ୍ରକୃତି କୋଳରେ ତା'ର ସ୍ଥିତି ପ୍ରତି ବିପଦ ସୃଷ୍ଟି ହୋଇପାରେ। ଅଧିକ ଅମଳର ଭୟାଭୟତା ବିଷୟରେ ଜ୍ଞାନ ନଥିଲେ, ପରିବେଶ ସନ୍ତୁଳନ ତଥା ଜୈବ ବିବିଧତା ପ୍ରତି ବିପଦ ସୃଷ୍ଟି ହୋଇପାରେ।

ପ୍ରାକୃତିକ ପରିବେଶ ଯଥା ଜଙ୍ଗଲ, ଘାସ ପଡ଼ିଆ, ଅନ୍ୟାନ୍ୟ ସ୍ଥାନମାନଙ୍କରେ ସଂଗ୍ରାହକମାନଙ୍କର ଉପସ୍ଥିତି ସେହି ଅଞ୍ଚଳର ଚତୁଃପାର୍ଶ୍ୱରେ ଥିବା ବୃକ୍ଷଲତାଙ୍କ ଉପରେ ନିଶ୍ଚିତ ରୂପେ କୁପ୍ରଭାବ ସୃଷ୍ଟିକରେ। ସଂଗ୍ରହ ପ୍ରକ୍ରିୟା ଏପରି ହେବା ଆବଶ୍ୟକ, ଯେପରି ବନଜାତ ଉଦ୍ଭିଦର ବଂଶ ଓ ସେମାନଙ୍କର ପ୍ରାକୃତିକ ବାସସ୍ଥାନ ଦୀର୍ଘସ୍ଥାୟୀ ହୋଇ ରହିବ। ଔଷଧୀୟ ଉଦ୍ଭିଦର ସଂଗ୍ରହ ପୂର୍ବରୁ ସଂଗ୍ରାହକମାନେ ସ୍ଥାନୀୟ ଉଦ୍ଭିଦ ବିଜ୍ଞାନୀମାନଙ୍କ ସହ ପରାମର୍ଶ କରିବା ଉଚିତ୍, ଯେଉଁମାନେ କି ସ୍ଥାନୀୟ ପରିବେଶ ସହ ପରିଚିତ। ବନଜାତ ଔଷଧୀୟ ଉଦ୍ଭିଦର ଚିରସ୍ଥାୟୀ ସଂଗ୍ରହ ପାଇଁ ଅର୍ନ୍ତଜାତୀୟ ମାନଦଣ୍ଡରେ ଯେଉଁ ନୀତି ନୀୟମ ଓ ହାର ନିର୍ଦ୍ଧାରିତ ହୋଇଛି (ISSC-MAP)* ଏବଂ  ସଂପୃକ୍ତ ବ୍ୟକ୍ତି ବିଶେଷଙ୍କ ସହ ଗଭୀର ଆଲୋଚନା ଓ ବିଚାର ବିମର୍ଶ ପରେ  IUCN*/ W.W.F*/ B.F.N.* ଦ୍ୱାରା ବିକଶିତ ଏବଂ ପ୍ରସ୍ତୁତ ହୋଇଛି, ତାହା ପାଳିତ ହେବା ଉଚିତ୍। ଏହାକୁ ବିଭିନ୍ନ ମାର୍ଗରେ ପ୍ରୟୋଗ  କରାଯାଇପାରିବ, ଯଥା – ବୈଜ୍ଞାନିକ ପଦ୍ଧତିରେ ସମ୍ଭଳ ପରିଚାଳନା, ଆଇନ୍ ଓ ନିର୍ଦ୍ଦେଶାବଳିର ଉପଯୋଗ କିମ୍ବା ପ୍ରମାଣ ପତ୍ର ଧାରାର ପ୍ରୟୋଗ ।

**୩.୨.୧. ଉଦ୍ଭିଦ ପ୍ରଜାତିର ସଂରକ୍ଷଣ ଅବସ୍ଥା :** ନିୟାମକମାନେ (ଯଥା – ଜଙ୍ଗଲ ଓ ବନ୍ୟପ୍ରାଣୀ କ୍ଷେତ୍ର ଅଧିକାରୀ) ତଥା ସଂଗ୍ରହକାରୀମାନେ ନିଶ୍ଚିତ ଭାବରେ ଆବଶ୍ୟକୀୟ ଉଦ୍ଭିଦ ପ୍ରଜାତିର ସଂରକ୍ଷଣ ଅବସ୍ଥା ବିଷୟରେ ସଚେତନ ଥିବା ଆବଶ୍ୟକ। ସେମାନଙ୍କୁ ବିଭିନ୍ନ ଅଂଚଳରେ ବିରଳ ଓ ବିପନ୍ନ ଔଷଧୀୟ ଉଦ୍ଭିଦ (RET)* ର ସଂରକ୍ଷଣ ଆଇନ ବ୍ୟବସ୍ଥା ଜଣାଥିବା ଆବଶ୍ୟକ ଏବଂ ସଂଗୃହିତ ହେଉଥିବା ଅଂଚଳରେ ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ ନୀତି ନିୟମ ପାଳନ କରାଯିବା ଉଚିତ୍।

**୩.୨.୨. ସମ୍ବେଦନଶୀଳ ପ୍ରଜାତି :** ସଂଗ୍ରହ ପରିଚାଳକମାନେ ସଂଗ୍ରହ କରାଯାଉଥିବା ଅଂଚଳରେ ମିଳୁଥିବା ସମ୍ବେଦନଶୀଳ ତଥା ବିଲୁପ୍ତ ପ୍ରଜାତିଗୁଡ଼ିକ ବିଷୟର ଜ୍ଞାନ ଆହରଣ କରିବା ସହ ସେଠାରେ ପ୍ରଚଳିତ ଆଇନ ଓ ପରିବେଶଜନିତ ନିର୍ଦ୍ଦେଶାବଳିକୁ ଏପରି ପାଳନ କରିବା ଉଚିତ୍ ଯେପରି ଏହି ପ୍ରଜାତିଗୁଡ଼ିକ ଅଧିକ ବିଲୁପ୍ତିର ସମ୍ମୁଖିନ ନହୁଅନ୍ତି।

**୩.୨.୩.  ପ୍ରଜାତିର ବିତରଣ :**  କୌଣସି ଅଞ୍ଚଳରୁ କୌଣସି ଔଷଧୀୟ ଉଦ୍ଭିଦ ପ୍ରଜାତି ସଂଗ୍ରହ ହେଉଥିବା ବେଳେ ସେହି ଅଞ୍ଚଳର ଭୌଗଳିକ ପ୍ରଭାବ କ୍ଷେତ୍ରକୁ ଦୃଷ୍ଟିରେ ରଖି ସଂଗ୍ରହ ପରିମାଣ ଅନୁସାରେ ବିତରଣ ପରିମାଣ ସମାନୁପାତିକ ହେବା ଆବଶ୍ୟକ।  ଯେଉଁ ଅଂଚଳରେ କୌଣସି ପ୍ରଜାତି ଦୀର୍ଘସ୍ଥାୟୀ ଭାବେ ବାରମ୍ବାର ଉତ୍ପନ୍ନ ହେଉଥିବ, ସେହି ଅଂଚଳରୁ ଉକ୍ତ ପ୍ରଜାତିଟି ସଂଗ୍ରହ କରାଯିବା ଉଚିତ୍।

---

** ISSC-MAP- International Standard for Sustainable Wild Collection of Medicinal & Aromatic Plants*
*IUCN- International Union of Conservation of Nature & Natural Resources*
*W.W.F- World Wild Fund for Nature*
*B.F.N.- Bundesamtfur Naturchutz*
*RET- Rare, Endangered & Threatened (Species)*

**୩.୨.୪. ପ୍ରଜାତିର ପୁନରୁତ୍ପାଦନ :** ଔଷଧୀୟ ଉଦ୍ଭିଦର ପୁନରୁତ୍ପାଦନ ଶକ୍ତିର ଅନୁରୂପ ଅମଳ ହେବା ଉଚିତ୍। ପ୍ରତ୍ୟେକ ସଂଗ୍ରହସ୍ଥଳରେ ପୁନରୁତ୍ପାଦନ ସକାଶେ କିଛି ଔଷଧୀୟ ଉଦ୍ଭିଦକୁ ଛାଡ଼ିଦେବା ଉଚିତ୍ ଯାହାକି ପୁନରୁତ୍ପାଦନରେ ସାହାଯ୍ୟ କରିବ। କେଉଁ ପ୍ରଜାତିକୁ କେତେ ସଂଖ୍ୟାରେ ଛଡ଼ାଯିବ, ତାହା ପ୍ରଜାତିଗୁଡ଼ିକର ପୁନରୁତ୍ପାଦନ କ୍ଷମତା ତଥା ସଂପୃକ୍ତ ପରିବେଶକୁ ନଜରରେ ରଖି ଭିନ୍ନ ଭିନ୍ନ ହୋଇପାରେ।

**୩.୨.୫. ସଂଗ୍ରହର ପୌନଃପୁନିକତା :** କୌଣସି ଔଷଧୀୟ ଜାତ ପଦାର୍ଥର ଯେତେ ଚାହିଦା ଥିଲେ ମଧ୍ୟ, ଉକ୍ତ ପ୍ରଜାତିର ପୁନଃ ଅଙ୍କୁରୋଦଗମ ଚକ୍ର ସହ ଖାପ ଖାଇ ଏହାର ସଂଗ୍ରହ ହେବା ଉଚିତ୍। ସବୁଠାରୁ ଅଧିକ ବ୍ୟବଧାନ ଦେଇ ସଂଗ୍ରହ କରାଗଲେ ଉକ୍ତ ଉଦ୍ଭିଦ ପ୍ରଜାତିଟି ତା'ର ଅମଳ ହୋଇଯାଇଥିବା ଅଙ୍ଗ ପ୍ରତ୍ୟଙ୍ଗଗୁଡ଼ିକୁ ପୁନଃ ସୃଷ୍ଟି କରିପାରିବ।

**୩.୨.୬. ମୂଳ ଉଦ୍ଭିଦକୁ ସର୍ବନିମ୍ନ କ୍ଷତି ପହଁଚାଇବା :** ଆମେ ଯେତେବେଳେ କୌଣସି ଉଦ୍ଭିଦରୁ ଆବଶ୍ୟକୀୟ ଅଙ୍ଗ ଯଥା - ପତ୍ର, ଫୁଲ, ମଞ୍ଜି ପ୍ରଭୃତି ସଂଗ୍ରହ କରୁଛେ, ସେହି ସମୟରେ ମୂଳ ଉଦ୍ଭିଦକୁ ସର୍ବନିମ୍ନ କ୍ଷତି ପହଂଚାଇବା ପ୍ରତି ଯତ୍ନଶୀଳ ହେବା ଆବଶ୍ୟକ। ଉଦ୍ଭିଦରୁ ଜାତ ପତ୍ର, ଫୁଲ, ଫଳକୁ ସହଜରେ ସଂଗ୍ରହ କରିବା ପାଇଁ ଉଦ୍ଭିଦଟିର ଶାଖା, ପ୍ରଶାଖା କାଟିଦେବା ଉଚିତ୍ ନୁହେଁ।

**୩.୨.୭. ବାସସ୍ଥାନର ପରିଚାଳନା :** ସଂଗ୍ରାହକମାନେ ସେମାନଙ୍କର ଆବଶ୍ୟକ ପଡୁଥିବା ଉଦ୍ଭିଦର ଅମଳ ବେଳେ ତା'ର ବାସସ୍ଥାନକୁ ସର୍ବନିମ୍ନ କ୍ଷତି ପହଞ୍ଚାଇବା ପ୍ରତି ଯତ୍ନଶୀଳ ହେବେ, ଫଳରେ ଉକ୍ତ ଉଦ୍ଭିଦଟିର ଚିରସ୍ଥାୟିତ୍ୱ ବଜାୟ ରହିବ। ବିଶେଷତଃ କୌଣସି ଉଦ୍ଭିଦର ଚେର ବା ମାଟିତଳ ଅଂଶଗୁଡ଼ିକ ସଂଗ୍ରହ କରିବା ସମୟରେ ସାଧାରଣତଃ ଉକ୍ତ ଉଦ୍ଭିଦର ଚାରିପାଖରେ ଥିବା ଅନ୍ୟାନ୍ୟ ଅନେକ ଉଦ୍ଭିଦ ପ୍ରଜାତି ନଷ୍ଟ ହୋଇଥାନ୍ତି ଯେଉଁଗୁଡ଼ିକ ସଂଗ୍ରାହକମାନଙ୍କ ପାଇଁ ଅନାବଶ୍ୟକ। ସେହିପରି ଲତା ଓ ଗଛରେ ଗୁଡ଼େଇହୋଇ ମାଡୁଥିବା ଉଦ୍ଭିଦଗୁଡ଼ିକୁ ଏପରି ସଂଗ୍ରହ କରିବା ଉଚିତ୍ ଯେପରି ଆଶ୍ରୟ ଦେଇଥିବା ଉଦ୍ଭିଦର କୌଣସି କ୍ଷତି ନହୁଏ। କେତେଗୁଡ଼ିଏ ପ୍ରଜାତି ଏକ ବିଶେଷ ବସତିରେ ବଢ଼ିଥାନ୍ତି ଯଥା ପାଣି ଜମିଥିବା ଜାଗାରେ ବଚ (Acorus calamus) ବା ପଥର ସନ୍ଧିରେ ପାଷାଣ ଭେଦି (Berenia ciliata syn., Bergenia ligulata). ଏଣୁ ଏହିସବୁ ବିଶେଷ ବସତିରେ ବଢୁଥିବା ଉଦ୍ଭିଦ ପ୍ରଜାତିକୁ ସଂଗ୍ରହ ସମୟରେ ସେମାନଙ୍କର ବାସସ୍ଥାନକୁ ଯେପରି କ୍ଷତି ନ ପହଂଚେ, ସେଥିପ୍ରତି ଉପଯୁକ୍ତ ଧ୍ୟାନଦେବା ଆବଶ୍ୟକ।

**୩.୨.୮. ସଂଗ୍ରହ ଯନ୍ତ୍ରପାତି :** ସଂଗ୍ରହର ବିଭିନ୍ନ ପ୍ରକ୍ରିୟାରେ, ଯଥା - ଖୋଳିବା, କାଟିବା, ଚିରିବା, ଚୋପା ଛଡ଼ାଇବା ଇତ୍ୟାଦି କାମରେ ବ୍ୟବହୃତ ହେଉଥିବା ଯନ୍ତ୍ରପାତି ବା ସରଞ୍ଜାମ ଆବଶ୍ୟକ କାମ ପାଇଁ ଉପଯୁକ୍ତ ହୋଇଥିବା ଆବଶ୍ୟକ। ଏହି ଯନ୍ତ୍ରପାତି ବା ସଂରଞ୍ଜାମଗୁଡ଼ିକ ନିଶ୍ଚିତ ଭାବରେ ଅବିଷାକ୍ତ ପଦାର୍ଥରେ ତିଆରି ହୋଇଥିବ ଏବଂ ଉପଯୁକ୍ତ କାର୍ଯ୍ୟକ୍ଷମ ଅବସ୍ଥାରେ ରକ୍ଷଣାବେକ୍ଷଣ ହେଉଥିବ। ସଂଗ୍ରହବେଳେ ଉଦ୍ଭିଦର ସଂସ୍ପର୍ଶରେ ଆସୁଥିବା ଯନ୍ତ୍ରପାତିର ପ୍ରତ୍ୟେକ ଅଂଶ ଯେପରି ପ୍ରଦୂଷିତ ପଦାର୍ଥ ଯଥା ରଙ୍ଗ, ତୈଳାକ୍ତ ପଦାର୍ଥ ପ୍ରଭୃତିର ସଂସ୍ପର୍ଶରେ ନଆସେ, ସେଥିପ୍ରତି ଦୃଷ୍ଟିଦେବା ମଧ୍ୟ ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ। ଯେଉଁ ସରଞ୍ଜାମଗୁଡ଼ିକ କାଟିବା, ଚିରିବା, ଚୋପା ଛଡ଼େଇବା କିମ୍ବା ବିଛୁରିବା କାର୍ଯ୍ୟରେ ବ୍ୟବହୃତ ହେଉଥିବ, ସେଗୁଡ଼ିକୁ ବ୍ୟବହାର ସରିବା ମାତ୍ରେ ଭଲ ଭାବରେ ଧୋଇ ବିଶୋଧନ କରିଦେବା ଉଚିତ୍।

### ୩.୩. ସାମାଜିକ ବିଚାର :

ପ୍ରକୃତିରୁ ବ୍ୟାପକ ସଂଗ୍ରହର ସାମାଜିକ ପ୍ରଭାବ ସ୍ଥାନୀୟ ବାସିନ୍ଦାଙ୍କ ଉପରେ କିପରି ପଡୁଛି, ତାହାକୁ ସତର୍କତାର ସହିତ ଦୃଷ୍ଟିରେ ରଖି ସେମାନଙ୍କର ଜୀବନ ଜୀବିକା ଉପରେ ପ୍ରତିକୁଳ ପ୍ରଭାବ ପଡ଼ିଲା ଭଳି କାମ ନକରିବା ଭଲ। ଯଦି କୌଣସି ଔଷଧୀୟ ପଦାର୍ଥର ଆବଶ୍ୟକତା ଅନୁସାରେ ବହୁଳ ଅମଳ ଆବଶ୍ୟକ ପଡ଼େ, ତେବେ ସ୍ଥାନୀୟ ଅଧିବାସୀମାନଙ୍କୁ ଉପଯୁକ୍ତ ରୋଜଗାର ପନ୍ଥା ଓ ମଜୁରୀ ଦେବା ପ୍ରତି ଯତ୍ନଶୀଳ ହେବା ଉଚିତ୍।

**୩.୩.୧. ପ୍ରଜାତିର ସ୍ଥାନୀୟ ବ୍ୟବହାର :** ଭାରତରେ ଜଂଗଲରେ ଉପୁଜୁଥିବା ବିଭିନ୍ନ ପ୍ରାକୃତିକ ପଦାର୍ଥ ଯଥା, ଖାଦ୍ୟ, ଗୋଖାଦ୍ୟ, ଜାଳେଣି, ଔଷଧ, ଚାଷ ଉପକରଣ ଓ ଗୃହଉପକରଣ ପ୍ରଭୃତି ଉପରେ ସ୍ଥାନୀୟ ଲୋକମାନଙ୍କର ବସ୍ତୁତଃ ଅଧିକାର ଥାଏ। ଏହାଛଡ଼ା, ସ୍ଥାନୀୟ ବୈଦ୍ୟମାନେ ସେମାନଙ୍କର ଜଡ଼ିବୁଟିର କଂଚାମାଲ ପାଇଁ ଜଙ୍ଗଲରୁ କିଛି କିଛି ଔଷଧୀୟ ଉଦ୍ଭିଦ ସଂଗ୍ରହ କରିଥାନ୍ତି। ଏଣୁ ଔଷଧୀୟ ଉଦ୍ଭିଦର ବ୍ୟବସ୍ଥିତ ସଂଗ୍ରହ ସମୟରେ ଦୃଷ୍ଟିଦେବାକୁ ହେବ ଯେ ପ୍ରକୃତି କୋଳରେ ସ୍ଥାନୀୟ ଲୋକମାନଙ୍କର ବ୍ୟବହାର ପାଇଁ ଯେପରି କିଛି ଉଦ୍ଭିଦ ରହୁଥିବ। (ISSC-MAP Criterion 4.1 – ପାରମ୍ପରିକ ବ୍ୟବହାର, ସାଂସ୍କୃତିକ ଧରୋହର ଓ ପ୍ରବେଶ ଅଧିକାର)

**୩.୩.୨. ଉପଯୁକ୍ତ ମୂଲ୍ୟ :** ବର୍ତ୍ତମାନ ଭାରତର ଯୋଗାଣ ବ୍ୟବସ୍ଥା ମଧ୍ୟରେ ଔଷଧୀୟ ଉଦ୍ଭିଦଜାତ ପଦାର୍ଥର ସଂଗ୍ରାହକମାନେ ସେମାନଙ୍କର ପରିଶ୍ରମ ଆନୁପାତିକ ପାରିଶ୍ରମିକ ପାଆନ୍ତି ନାହିଁ । ତେଣୁ ଅମଳ ହେଉଥିବା ସମସ୍ତ ଔଷଧୀୟ ଉଦ୍ଭିଜର ଉପଯୁକ୍ତ ମୂଲ୍ୟ ନିର୍ଦ୍ଧାରଣ ବ୍ୟବସ୍ଥା ହେବା ଆବଶ୍ୟକ।

**୩.୩.୩. ଲାଭ ବଣ୍ଟନ :** ଭାରତୀୟ ଜୈବ ବିବିଧତା ଆଇନ୍ ୨୦୦୨ରେ ଔଷଧୀୟ ଉଦ୍ଭିଦ ସମ୍ବଳ ଓ ତତ୍‌ସଲଗ୍ନ ଜ୍ଞାନରୁ ଜାତ ଲାଭ ପାଇଁ ବଣ୍ଟନ ବ୍ୟବସ୍ଥା ଅଛି। ଔଷଧୀୟ ଉଦ୍ଭିଦ ପଦାର୍ଥର ସମସ୍ତ ଉପଭୋକ୍ତାମାନେ ଉପଯୁକ୍ତ ଏବଂ ନ୍ୟାୟସଂଗତ ଲାଭ ବଣ୍ଟନର ଏକ ପନ୍ଥା ନିର୍ଦ୍ଧାରଣ କରି ପାଳନ କରିବା ଉଚିତ୍।

**୩.୩.୪. ସଂଗ୍ରାହକମାନଙ୍କର ସ୍ୱାସ୍ଥ୍ୟାବସ୍ଥା :** ପ୍ରାକୃତିକ ଉପାଦାନ ଯଥା – ପରାଗରେଣୁ, ସୁଗନ୍ଧି, ବୃକ୍ଷରୁ ନିର୍ଗତ ରସ ଓ ପଦାର୍ଥ ପ୍ରତି ଯେଉଁ ବ୍ୟକ୍ତିମାନଙ୍କର ବିକାର ରୋଗ ଥିବ, ସେମାନେ ବଣ ଜଂଗଲରୁ ସଂଗ୍ରହ କରିବା ଅନୁଚିତ୍। ଯେଉଁମାନଙ୍କର ଖୋଲା କ୍ଷତ, ଚର୍ମ ରୋଗ, ଜଳାପୋଡ଼ା ଇତ୍ୟାଦି ଥିବ, ସେମାନେ ଔଷଧୀୟ ଉଦ୍ଭିଦ ପଦାର୍ଥର ପ୍ରାଥମିକ ପ୍ରକ୍ରିୟା ହେଉଥିବା ସ୍ଥାନଠାରୁ ଦୂରେଇ ରହିବେ। ସଂଗ୍ରାହକମାନେ ଜଙ୍ଗଲରୁ ସଂଗ୍ରହ କରୁଥିବା ସମୟରେ ନିଶ୍ଚିତ ଭାବରେ ଆତ୍ମରକ୍ଷାକାରୀ ସାଜସରଂଜାମ ଯଥା – ନିରାପତ୍ତା ଯୋତା, ଆବରଣ, ଆଖି ଓ ନାକ ସୁରକ୍ଷାକାରୀ ପୋଷାକ ପିନ୍ଧିନେବା ଉଚିତ୍।

**୩.୩.୫. ସାଂସ୍କୃତିକ ବିଚାର :** ଔଷଧୀୟ ଉଦ୍ଭିଦ ପଦାର୍ଥର ଅମଳ ଓ ଅମଳ ପରବର୍ତ୍ତୀ ପରିଚାଳନା ଗତାନୁଗତିକ ଧାରା ଅନୁସାରେ ତଥା ସଂପୃକ୍ତ ଅଂଚଳ ଓ ସ୍ଥାନୀୟ ଅଧିବାସୀମାନଙ୍କର ନୀତି ଓ ଚଳଣି ଅନୁସାରେ ହେବା ଆବଶ୍ୟକ। ଭାରତରେ ବହୁ ଉଦ୍ଭିଦ ପ୍ରଜାତି ସଂପୃକ୍ତ ଅଂଚଳର ସାମାଜିକ ତଥା ଧାର୍ମିକ ମୂଲ୍ୟବୋଧ ସହିତ ଜଡ଼ିତ। କିଛି ବ୍ୟକ୍ତି / ଗୋଷ୍ଠୀ/ ସଂପ୍ରଦାୟ ତୁଳସୀ, ଦୁବ, ବେଲ, ପିପ୍ପଳ, ଆମ୍ବ ପ୍ରଭୃତି ଉଦ୍ଭିଦଙ୍କୁ ପବିତ୍ର ଭାବନ୍ତି ଏବଂ କୌଣସି ନିର୍ଦ୍ଦିଷ୍ଟ ଉଦ୍ଭିଦ ପ୍ରଜାତି ବା କୌଣସି ଉଦ୍ଭିଦ ପ୍ରଜାତିର ସଂପୂର୍ଣ୍ଣ ପରିବାରକୁ କାଟିବା ବା ଅମଳ କରିବାକୁ ଦିଅନ୍ତି ନାହିଁ। ଏପରିକି କିଛି ସଂପ୍ରଦାୟ ନିର୍ଦ୍ଦିଷ୍ଟ କିଛି ଉଦ୍ଭିଦ ପ୍ରଜାତିକୁ ପାଦରେ ଛୁଇଁବା ଅମଙ୍ଗଳ ବୋଲି ବିବେଚନା କରନ୍ତି। ଏଣୁ ଔଷଧୀୟ ଉଦ୍ଭିଦର ଅମଳ ଓ ଅମଳ ପରବର୍ତ୍ତୀ କାର୍ଯ୍ୟକ୍ରମ ବେଳେ ଲୋକମାନଙ୍କର ଏହି ମୂଲ୍ୟବୋଧ ପ୍ରତି ଯଥାମାନ୍ୟ ଦିଆଯିବା ଉଚିତ୍।

# ୪. ଅମଳ ପରବର୍ତ୍ତୀ ପରିଚାଳନା

## ୪.୧. ପ୍ରାଥମିକ ପ୍ରକ୍ରିୟା :

ଔଷଧୀୟ ଉଦ୍ଭିଦ ପଦାର୍ଥର ଅମଳ ପରବର୍ତ୍ତୀ ପ୍ରକ୍ରିୟା କରଣ ହେଉଛି ଗୁରୁତ୍ୱପୂର୍ଣ୍ଣ ଏବଂ ନିତାନ୍ତ ଆବଶ୍ୟକ, କାରଣ ଏହି କାର୍ଯ୍ୟ ସମୟ ମୁତାବକ ଓ ସଠିକ୍ ପଦ୍ଧତିରେ ହୋଇଥିଲେ ଉତ୍ପାଦିତ ପଦାର୍ଥର ଗୁଣବତ୍ତା ବଜାୟ ରହେ ଓ ଅଧିକ ଦିନ ଗଚ୍ଛିତ ରହିବାପାଇଁ ଉପଯୋଗୀ ହୋଇଥାଏ। ଅମଳ ପରେ ପରେ ଔଷଧୀୟ ପଦାର୍ଥଗୁଡ଼ିକରେ ଲାଗିରହିଥିବା ସମସ୍ତ ଜୈବିକ ବା ଅଜୈବିକ ପଦାର୍ଥଗୁଡ଼ିକୁ ଅଲଗା କରିଦେବା ଦରକାର। ଔଷଧୀୟ ବୃକ୍ଷର ଅନାବଶ୍ୟକୀୟ ଅଙ୍ଗ, ଯଥା - ବୃକ୍ଷର ମୁଖ୍ୟ ଚେରରୁ ବାହାରିଥିବା ଶାଖା ଚେର ଇତ୍ୟାଦିକୁ ଅଲଗା କରିଦେବା ଉଚିତ କାରଣ ଏହା ଔଷଧୀୟ ପଦାର୍ଥ ରୂପେ ବ୍ୟବହୃତ ହୁଏନାହିଁ। ଯଦି ଅମଳ ହୋଇଥିବା ଚେର ଓ ମୂଳରେ ମାଟି ଲାଗିଥାଏ, ତେବେ ସେଗୁଡ଼ିକୁ ସ୍ୱଚ୍ଛ ଜଳରେ ଭଲଭାବରେ ଧୋଇଦେବା ଆବଶ୍ୟକ, କାରଣ ମାଟିତଳୁ ଅମଳ ହେଉଥିବା ପଦାର୍ଥରେ ଏପରି ହେବା ସାଧାରଣ କଥା। କେତେକ କ୍ଷେତ୍ରରେ ଅମଳ ପଦାର୍ଥଗୁଡ଼ିକୁ ରାମ୍ପିବା, ଛେଲିବା ଅବା ଘଷିବା ଆବଶ୍ୟକ। ଏହି ଔଷଧୀୟ ପଦାର୍ଥଗୁଡ଼ିକୁ ପ୍ରାଥମିକ ପ୍ରକ୍ରିୟା ପରେ ପରେ ସ୍ୱଚ୍ଛ ଜଳରେ ଧୋଇ ଶୁଖେଇ ରଖିବା ଉଚିତ୍।

## ୪.୨. ଶୁଷ୍କକରଣ :

ଔଷଧୀୟ ପଦାର୍ଥଗୁଡ଼ିକୁ ପରିବହନ ପାଇଁ ବା ଗୋଦାମରେ ରଖିବା ପାଇଁ ପ୍ୟାକିଙ୍ଗ୍ (ପୁଟୁଳିକରଣ) କରିବା ପୂର୍ବରୁ ଭଲଭାବରେ ଶୁଖେଇ ନେବା ଆବଶ୍ୟକ। କୌଣସି ଏକ ଉତ୍ପାଦିତ ପଦାର୍ଥରେ କେତେ ଅନୁକୂଳ ଜଳୀୟ ଅଂଶ ରହିପାରିବ ତାହାର ସୂଚନା ଆମକୁ ଜାତୀୟ ଭେଷଜ ସଂହିତା (National Pharmacopoeias) ରୁ ଏବଂ ଏହି ବିଷୟ ସଂବନ୍ଧୀୟ ଅନ୍ୟ ପୁସ୍ତକରୁ ମିଳିପାରିବ । ଔଷଧୀୟ ଉଦ୍ଭିଦ ପଦାର୍ଥ ଯଥା - କନ୍ଦା, ମାଂସଳ ଚେର, ମାଂସଳ କାଣ୍ଡ, ମାଂସଳ ପତ୍ର, ତନ୍ତୁଯୁକ୍ତ ଫଳ, କାଠୁଆ ଅଂଶ, ମାଂସଳ ପାଖୁଡ଼ା ଅବା ଆଠୁଯୁକ୍ତ ଅଂଶଗୁଡ଼ିକ ସଠିକ୍ ରୂପେ ଶୁଖିବା ପ୍ରତି ଅଧିକ ଦୃଷ୍ଟି ଦିଆଯିବା ଆବଶ୍ୟକ। ଭଲ ପ୍ରକ୍ରିୟାକରଣ ଓ ଶୁଷ୍କକରଣ ନିମନ୍ତେ ନିମ୍ନଲିଖିତ ପ୍ରସଂଗଗୁଡ଼ିକ ଫଳପ୍ରଦ ହେବ।

**୪.୨.୧.** ଅମଳ ହୋଇଥିବା ଔଷଧୀୟ ପଦାର୍ଥ ଯଦି ବିଶେଷ ମୋଟା, ମାଂସଳ ଓ ବିରାଟ ଆକାରର ହୋଇଛି, ତେବେ ସେଗୁଡ଼ିକୁ କ୍ଷୁଦ୍ର ଓ ପତଳା ଖଣ୍ଡରେ ପରିଣତ କରି ଦିଆଯାଇପାରେ, ଯେପରିକି ଏହା ଭଲ ଭାବରେ ଶୁଖିପାରିବ। ଏହି ପଦାର୍ଥକୁ ଏପରି କାଟିବା ଉଚିତ୍ ଯେପରି ଏହା ଭଲଭାବରେ ଶୁଖିପାରୁଥିବ ଓ ବାହାରକୁ ସୁନ୍ଦର ଦେଖାଯାଉଥିବ।

**୪.୨.୨.** ଯେଉଁ ସ୍ଥଳରେ ଔଷଧୀୟ ଉଦ୍ଭିଦର ସୂକ୍ଷ୍ମ ଅଙ୍ଗ ଅବା ବାସ୍ନାଯୁକ୍ତ ଅଙ୍ଗ ଔଷଧୀୟ ପଦାର୍ଥ ରୂପେ ବ୍ୟବହୃତ ହେଉଥିବ, ସେ କ୍ଷେତ୍ରରେ ଏହାକୁ ଛାଇରେ ଶୁଖେଇବା ଆବଶ୍ୟକ। ଯଦି ଛାଇରେ ଶୁଖେଇବାକୁ ଥିବା ଔଷଧୀୟ ପଦାର୍ଥ ସାମାନ୍ୟ ଓଦା ଥିବ, ତେବେ ପ୍ରାଥମିକ ଅବସ୍ଥାରେ କିଛି ଖରାରେ ଶୁଖେଇ ତା'ପରେ ଛାଇରେ ଶୁଖାଯାଇପାରେ। ସଂଗ୍ରାହକମାନେ ସେମାନଙ୍କ କ୍ରେତାଙ୍କ ନିକଟରୁ କେଉଁ ପଦାର୍ଥକୁ କିପରି (ଯଥା - ଖରା, ଛାଇ, ପବନ ଅବା ମିଳିତ ଅବସ୍ଥାରେ) ଶୁଖାଯିବ, ସେ ପରାମର୍ଶ ନେବେ।

**୪.୨.୩.** ଯେଉଁଠାରେ ଖୋଲା ସୂର୍ଯ୍ୟତାପ ଦ୍ୱାରା ବା ଖୋଲା ପବନରେ ଶୁଖେଇବା କାର୍ଯ୍ୟ କରାଯାଏ, ସେଠାରେ ଔଷଧୀୟ ପଦାର୍ଥଗୁଡ଼ିକୁ ଗୋଟିଏ ଶୁଖେଇବା ଚାଦର ଉପରେ ଅତି ପତଳା ଆସ୍ତରଣ କରି ଶୁଖେଇବା ଉଚିତ୍ । ଯେଉଁଠାରେ ଶୁଖେଇବା ଚାଦର ନଥାଏ, ସେଠାରେ ତାରପୋଲିନ ବା କପଡ଼ା ବ୍ୟବହାର କରାଯାଇପାରିବ କିନ୍ତୁ ସିଧାସଳଖ ଭୂମି ଉପରେ ଔଷଧୀୟ ପଦାର୍ଥକୁ ଶୁଖେଇବା ଅନୁଚିତ । ଶୁଖେଇବା ସମୟରେ ଔଷଧୀୟ ପଦାର୍ଥକୁ ବାରମ୍ବାର ଖେଳାଇବା ସହିତ ତଳ ଉପର କରିବା ବିଧେୟ । ଏହା ଦ୍ୱାରା ଔଷଧୀୟ ପଦାର୍ଥଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ଓ ସଠିକ୍ ଭାବରେ ଶୁଖି ପାରିବ ।

**୪.୨.୪.** ସୂର୍ଯ୍ୟତାପରେ ଶୁଖାଯାଉ ବା ଛାଇରେ, ସଂଧ୍ୟା ସମୟରେ ଔଷଧୀୟ ପଦାର୍ଥଗୁଡ଼ିକୁ ସମ୍ପୂର୍ଣ୍ଣ ବା ଆଂଶିକ ଢାଙ୍କି ରଖିବା ପ୍ରତି ଯତ୍ନବାନ ହେବା ଆବଶ୍ୟକ, କାରଣ ଏପରି କରିବା ଦ୍ୱାରା ଔଷଧୀୟ ପଦାର୍ଥଗୁଡ଼ିକୁ ରାତିର କାକର ଓ ଅକସ୍ମାତ୍ ରାତିରେ ଝିପିଝିପି ବର୍ଷାରୁ ରକ୍ଷା କରାଯାଇପାରିବ ।

**୪.୨.୫.** କୃତ୍ରିମ ଉପାୟରେ  ଗରମ ବାୟୁ ବା ଓଭେନ (ଗରମ କରିବା ପାଇଁ ବନ୍ଦ ଚୁଲି) ବ୍ୟବହାର କରି ଶୁଖେଇବା କାର୍ଯ୍ୟ କରାଯାଇପାରେ । ଏହି ପଦ୍ଧତିଗୁଡ଼ିକ କାର୍ଯ୍ୟକ୍ଷେତ୍ରରେ ପ୍ରୟୋଗ କରିବା ପୂର୍ବରୁ ଏହାର ଔଷଧୀୟ ପଦାର୍ଥର ଗୁଣବତ୍ତା ଉପରେ କି ପ୍ରଭାବ ପକାଇବ, ତାହାର ବୈଧତା ଓ କାର୍ଯ୍ୟକାରିତା ନିରୂପଣ କରିନେବା ନିହାତି ଆବଶ୍ୟକ । ଏ ପ୍ରଣାଳୀରେ ଶୁଖେଇବା ବେଳେ ତାପମାତ୍ରାର ପରିମାଣ ଓ ସମୟର ଅବଧି ଲିପିବଦ୍ଧ ହୋଇ ରହିବା ଉଚିତ୍ ।

**୪.୨.୬.** ସୂର୍ଯ୍ୟତାପରେ ଶୁଖେଇବା ସମୟରେ ସର୍ବାଧିକ ସତର୍କତା ଅବଲମ୍ବନ କରାଯିବା ଆବଶ୍ୟକ ନଚେତ୍ ପକ୍ଷୀମଳରୁ ଉତ୍ପନ୍ନ ସାଲମୋନେଲା (Salmonella) ନାମକ ଜୀବାଣୁ ଦ୍ୱାରା ଦୂଷିତ ହେବାର ସମ୍ଭାବନା ଥାଏ ।

# ୫. ପୁଟୁଳିକରଣ ଓ ସଂଚୟ

**୫.୧. ଔଷଧୀୟ ଉଦ୍ଭିଦଜାତ ପଦାର୍ଥର ପୁଟୁଳିକରଣ :**

ଔଷଧୀୟ ପଦାର୍ଥର ପୁଟୁଳି ସାମଗ୍ରୀଗୁଡ଼ିକ ଔଷଧୀୟ ପଦାର୍ଥକୁ ନିଶ୍ଚିତ ରୂପେ ଉତ୍ତାପ, ଆଦ୍ରତା ଓ ବାହ୍ୟତାପରୁ ରକ୍ଷା କରୁଥିବ ଏବଂ ଏହାକୁ କୌଣସି ପ୍ରକାରେ ଦୂଷିତ କରୁ ନଥିବ। ପ୍ରତ୍ୟେକ କିସମର ଔଷଧୀୟ ପଦାର୍ଥ ପାଇଁ ଏକ ସ୍ୱତନ୍ତ୍ର ପୁଟୁଳି ସାମଗ୍ରୀ ଲୋଡ଼ା। ପରିଶିଷ୍ଟ-୧ ରେ ଭାରତୀୟ ଔଷଧୀୟ ପଦାର୍ଥ ପାଇଁ କିଛି ପୁଟୁଳିକରଣ ପ୍ରକ୍ରିୟାର ବିବରଣୀ ପ୍ରଦାନ କରାଯାଇଛି ଯାହାକୁ ପାଳନ କରାଯାଇପାରେ। କୌଣସି ପରିସ୍ଥିତରେ ଖାଦ୍ୟ ସାମଗ୍ରୀ, ଘରତିଆରି ସାମଗ୍ରୀ ଯଥା - ସିମେଣ୍ଟ, ବାଲି ଇତ୍ୟାଦି, ବା ସାର ବା ଅନ୍ୟ ରସାୟନ ଇତ୍ୟାଦିର ପୁଟୁଳିକରଣରେ ପୂର୍ବରୁ ବ୍ୟବହୃତ ସାମଗ୍ରୀଗୁଡ଼ିକ ଔଷଧୀୟ ପଦାର୍ଥର ପୁଟୁଳିକରଣରେ ବ୍ୟବହାର କରିବା ଅନୁଚିତ। ସେହିପରି ନିର୍ଦ୍ଦିଷ୍ଟ ଔଷଧି ପଦାର୍ଥର ପୁଟୁଳିକରଣରେ ବ୍ୟବହୃତ ସାମଗ୍ରୀ ସେହି ଔଷଧୀୟ ପଦାର୍ଥ ପାଇଁ ଦ୍ୱିତୀୟ ଥର ବ୍ୟବହାର କରାଯାଇପାରେ କିନ୍ତୁ ଅନ୍ୟ ଔଷଧି ପଦାର୍ଥ ପାଇଁ ନୁହେଁ।

ଯେତେବେଳେ ଔଷଧୀୟ ପଦାର୍ଥକୁ ବହୁଳ ପରିମାଣରେ ପୁଟୁଳିକରଣ କରାଯାଏ (ଯଥା- ଶଙ୍ଖପୁଷ୍ପି, ଭୃଙ୍ଗରାଜ, ଭୂମି ଅମ୍ଳକି, ଇତ୍ୟାଦି) ସେତେବେଳେ ଏଗୁଡ଼ିକୁ ମାନବଶକ୍ତି ବା ଯନ୍ତ୍ରଶକ୍ତି ଦ୍ୱାରା ଦୃଢ଼ ବା ନିବିଡ଼ ଭାବରେ କରିବା ଉଚିତ୍ (ଉଦାହରଣ ସ୍ୱରୂପ - ତୁଳାମୁଣି-ବନ୍ଧା ଉପାୟ)। ଏହି ପଦ୍ଧତି ସଂଗ୍ରହକାରୀମାନଙ୍କୁ ତଥା ମହଜୁଦକାରୀମାନଙ୍କୁ ଅଳ୍ପ ଜାଗାରେ ଅଧିକ ରଖିବା ଓ ପରିବହନ କରିବାର ସୁବିଧା ଦେଇଥାଏ।

ପ୍ରତ୍ୟେକ ପୁଟୁଳିରେ ଏକ ସୂଚନାପତ୍ର ଲଗାହେବା ବିଧେୟ। ଏହି ପତ୍ରରେ ଔଷଧୀୟ ପଦାର୍ଥ ସମ୍ବନ୍ଧରେ ସମସ୍ତ ସୂଚନା ପ୍ରଦାନ କରାଯିବା ଉଚିତ୍। ପରିଶିଷ୍ଟ -୨ ରେ ଏହାର ନମୁନା ଦିଆଯାଇଛି।

**୫.୨. ଔଷଧୀୟ ଉଦ୍ଭିଦଜାତ ପଦାର୍ଥର ସଂଚୟ :**

ଔଷଧୀୟ ପଦାର୍ଥକୁ ଭଣ୍ଡାର / ଗୋଦାମରେ ସଂଚୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି କାର୍ଯ୍ୟ ଯଦି ତ୍ରୁଟିଯୁକ୍ତ ହୁଏ, ଅମଳ ଓ ଅମଳ ପରବର୍ତ୍ତୀ ପ୍ରକ୍ରିୟା ଯେତେ ଠିକ୍ ଥିଲେ ମଧ୍ୟ, ଔଷଧୀୟ ପଦାର୍ଥ ବିକ୍ରିୟଯୋଗ୍ୟ ହୋଇ ରହେ ନାହିଁ। ତେଣୁ ଭଣ୍ଡାର / ଗୋଦାମରେ ସଂଚୟ ପାଇଁ ନିମ୍ନଲିଖିତ ସୁପାରିଶଗୁଡ଼ିକୁ ପାଳନ କରାଯାଇପାରେ, ଯାହାକି ଔଷଧୀୟ ପଦାର୍ଥର ଭଣ୍ଡାର / ଗୋଦାମରେ ସଂଚୟ ସମୟରେ ଗୁଣବତ୍ତାକୁ ନିରାପତ୍ତା ଦେବ।

**୫.୨.୧.** ଔଷଧୀୟ ପଦାର୍ଥଗୁଡ଼ିକ ସ୍ୱତନ୍ତ୍ର ରୂପେ ନିର୍ମିତ ଭଣ୍ଡାର/ ଗୋଦାମରେ ରଖିବା ଉଚିତ୍ ଯାହା ମଧ୍ୟକୁ କି ବାହ୍ୟ ଜୀବ - ଯଥା ମୂଷା, ପକ୍ଷୀ ଯଥା ଅନ୍ୟାନ୍ୟ ଅନିଷ୍ଟକାରୀ ଜୀବଜନ୍ତୁ ଯିବା ଆସିବା କରିପାରୁନଥିବେ। ଏହା ମଧ୍ୟ ସନ୍ତସନ୍ତିଆ, ଅଳିଆ, ଆବର୍ଜନାଠାରୁ ଦୂରରେ ରହିବା ଆବଶ୍ୟକ। ଔଷଧୀୟ ପଦାର୍ଥଗୁଡ଼ିକ କେବେହେଲେ ଖୋଲାରେ ବା ଗୋରୁ ଗୁହାଳ ପାଖ ଭଣ୍ଡାର / ଗୋଦାମରେ ସଂଚୟ ନହେବା ବିଧେୟ।

**୫.୨.୨.** ଭଣ୍ଡାର / ଗୋଦାମ ଘରଟିରେ ଏପରି ପୃଥକ୍ ପୃଥକ୍ ବ୍ୟବସ୍ଥା ରହିବା ଆବଶ୍ୟକ ଯେପରି ଏଥିରେ ଅନୁମୋଦିତ, ପ୍ରତ୍ୟାଖ୍ୟାତ ଅବା ଅପରୀକ୍ଷିତ ଔଷଧି ପଦାର୍ଥ ଅଲଗା ଅଲଗା ରହିପାରୁଥିବ ଏବଂ ସେଥିପାଇଁ ସ୍ୱତନ୍ତ୍ର ବିଜ୍ଞାପନ ଫଳକ ଥିବ।

**୫.୨.୩.** ଉପଯୁକ୍ତ ଭାବରେ ବନ୍ଦ ହୋଇଥିବା (ସିଲ୍ କରାଯାଇଥିବା) ଓ ସୂଚନାପତ୍ର ଲଗାଯାଇଥିବା ଔଷଧୀୟ ପୁଟୁଳିଗୁଡ଼ିକୁ ଶୁଷ୍କ ଏବଂ ଥଣ୍ଡା ଜାଗାରେ ଥିବା କାଷ୍ଠ ନିର୍ମିତ ର୍ୟାକ୍‌ରେ ରଖାଯିବା ଆବଶ୍ୟକ। କୌଣସି ଅବସ୍ଥାରେ ମଧ୍ୟ ଅଖାରେ, ଝୋଟ ବ୍ୟାଗ୍‌ରେ, ବୁଣା ମୁଣିରେ ଅବା ନରମ ଡବାରେ ରଖାଯାଇଥିବା ଔଷଧୀୟ ପଦାର୍ଥକୁ ସିଧାସଳଖ ଭୂମି ଉପରେ ରଖାଯିବ ନାହିଁ।

**୫.୨.୪.** ପ୍ରତ୍ୟେକ କିସମ ପାଇଁ ସ୍ୱତନ୍ତ୍ର ସଂଚୟସ୍ଥଳୀ ନିର୍ଦ୍ଦିଷ୍ଟ କରି ରଖିବା ଉଚିତ୍ ଏବଂ ଦୁଇଟି କିସମ ମଧ୍ୟରେ ବା ଗୋଟିଏ କିସମର ଭିନ୍ନ ଅଂଶ ମଧରେ ଯଥେଷ୍ଟ ଖାଲି ଜାଗା ରଖିବା ଉଚିତ୍, ଫଳରେ ତନ୍ମଧ୍ୟରେ ଲୋକ ବା ଯନ୍ତ୍ରପାତି ସୁବିଧାରେ ଯାତାୟତ କରିପାରିବେ ଏବଂ ପରସ୍ପର ମିଶାମିଶି ହୋଇ ସଂକର ଦୂଷିତକରଣ ହେବନାହିଁ। ଦୁଇ ବା ତତୋଧିକ ଔଷଧୀୟ ପଦାର୍ଥର ପୁଟୁଳିଗୁଡ଼ିକୁ ଗୋଟିକ ଉପରେ ଗୋଟିଏ ରଖିବା ଅନୁଚିତ।

**୫.୨.୫.** ପ୍ରତ୍ୟେକ ଔଷଧୀୟ ପଦାର୍ଥ ସମୂହ ନିର୍ଦ୍ଦିଷ୍ଟ ସମୟ ପାଇଁ ଥାକରେ ରହେ, ଯାହାକି ଉକ୍ତ ପଦାର୍ଥର ପୁଟୁଳି ଉପରେ ପରିଷ୍କାର ରୂପେ ସୂଚନା ପତ୍ରରେ ଲିପିବଦ୍ଧ ହୋଇ ରହିବ ଏବଂ ଉକ୍ତ ପଦାର୍ଥଟି ସୂଚିତ ସମୟ ସୀମା ମଧରେ ବ୍ୟବହୃତ ହେବା ନିତାନ୍ତ ଜରୁରୀ। ବ୍ୟବସାୟୀମାନଙ୍କ କ୍ଷେତ୍ରରେ ଔଷଧୀୟ ପଦାର୍ଥର ଯୋଗାଣ ଏପରି ହେବା ଆବଶ୍ୟକ ଯାହା ଫଳରେ ଔଷଧ ପ୍ରସ୍ତୁତକାରୀମାନଙ୍କୁ ଥାକରେ ରଖିବା ପାଇଁ ଅଧିକ ସମୟ ମିଳିପାରିବ। ଯେତେଦୂର ସମ୍ଭବ, ଔଷଧୀୟ ପଦାର୍ଥଗୁଡ଼ିକର ଯୋଗାଣ ଓ ବ୍ୟବହାର 'ପ୍ରଥମେ ପ୍ରବେଶ - ପ୍ରଥମେ ପ୍ରସ୍ଥାନ' ଧାରାରେ ହେଲେ, ପୁରୁଣା ଔଷଧୀୟ ପଦାର୍ଥର ମହଜୁଦି ଭାର କମିଯିବ। ଏହି ଧାରା ମାଲ ପହଂଚିବା ପରଠାରୁ କ୍ରମାନ୍ୱୟରେ ବ୍ୟବହାରକୁ ନିୟନ୍ତ୍ରିତ କରେ। ରକ୍ଷଣସ୍ଥଳରେ ଔଷଧୀୟ ପଦାର୍ଥର ଆସିବା ଓ ଯିବା ସମ୍ବନ୍ଧୀୟ ବିବରଣୀ ଏକ ସୁବନ୍ଦୋବସ୍ତିତ ସ୍ଥାନରେ ପ୍ରଦର୍ଶିତ ହେବା ଦରକାର ଯାହାକି ପ୍ରତ୍ୟେକ ସମୟରେ ଗଚ୍ଛିତ ଥିବା ଔଷଧୀୟ ପଦାର୍ଥର ପରିମାଣ ସୂଚାଉଥିବ।

**୫.୨.୬.** ଆଦ୍ରତା-ସମ୍ବେଦନଶୀଳ ଓ ବାଷ୍ପଶୀଳ ହେଉଥିବା ଔଷଧୀୟ ପଦାର୍ଥଗୁଡ଼ିକୁ ଗଚ୍ଛିତ କରି ରଖିବା ସ୍ଥାନରେ ଜଳବାୟୁର ଉତ୍ତାପ ଓ ଆଦ୍ରତାକୁ ନିୟନ୍ତ୍ରଣ କଲାଭଳି ସ୍ୱତନ୍ତ୍ର ବ୍ୟବସ୍ଥା ରହିବା ଆବଶ୍ୟକ।

**୫.୨.୭.** ଅଗ୍ନିକାରକ ପଦାର୍ଥ ଯଥା - ଝୁଣା, ଅଠା, ତେଲ ଇତ୍ୟାଦିକୁ ସମ୍ପୂର୍ଣ୍ଣ ଅଲଗା ସ୍ଥାନରେ ଏବଂ ସର୍ବଦା ଭଲଭାବରେ ବନ୍ଦଥିବା ଧାରକରେ ରଖାଯିବା ଉଚିତ୍। ଏହି ଧାରକ ଉପରେ ଅତି ପ୍ରାଞ୍ଜଳ ଭାବରେ ଏହା ଅଗ୍ନିକାରକ ପଦାର୍ଥ ବୋଲି ଲେଖାଯିବା ଆବଶ୍ୟକ।

# ୬. ବିଭିନ୍ନ ପ୍ରକାର ଔଷଧୀୟ ପଦାର୍ଥର ସଂଗ୍ରହ ଓ ଅମଳ ପରବର୍ତ୍ତୀ ପରିଚାଳନା ସମ୍ବନ୍ଧୀୟ ମାର୍ଗଦର୍ଶନ

ବହୁତ ଅଳ୍ପ କ୍ଷେତ୍ରରେ ଗୋଟିଏ ଉଭିଦର ସମ୍ପୂର୍ଣ୍ଣ ଅଂଶ ଔଷଧ ରୂପେ ବ୍ୟବହୃତ ହୁଏ। ଅଧିକାଂଶ ସମୟରେ ଗୋଟିଏ ଉଭିଦର ଏକ ବା ତତୋଧିକ ଅଂଶ ଯଥା - ଚେର, ଛାଲି, କାଣ୍ଡ, ପତ୍ର, ଫୁଲ, ଫଳ ଓ ମଞ୍ଜି ବ୍ୟବହୃତ ହୁଏ, ଯାହାକି ସରକାରୀ ଭାବେ ସ୍ୱୀକୃତ ପଦାର୍ଥ ରୂପେ ପରିଚିତ। ଅମଳ ଓ ଅମଳ ପରବର୍ତ୍ତୀ ପରିଚାଳନା ପାଇଁ ଥିବା ସାଧାରଣ ମାର୍ଗଦର୍ଶନ ଯେତେବେଳେ କୌଣସି ନିର୍ଦ୍ଦିଷ୍ଟ ଅଂଶପାଇଁ ବିନିଯୋଗ କରାଯାଏ, ସେତେବେଳେ ସେହି ନିର୍ଦ୍ଦିଷ୍ଟ ଅଂଶର ଅତିରିକ୍ତ ଯତ୍ନର ଆବଶ୍ୟକତା ପଡ଼େ।

ଉଭିଦର ବିଭିନ୍ନ ଅଂଶକୁ ବିଭିନ୍ନ ଋତୁରେ ଅମଳ ବା ସଂଗ୍ରହ କରିବାକୁ ଆର୍ଯ୍ୟୁବେଦ ଭଳି ପ୍ରାଚୀନ ବିଜ୍ଞାନ ପରାମର୍ଶ ଦେଇଛି। ଏହା ବୋଧହୁଏ ଉକ୍ତ ଉଭିଦ ବା ଲତାରେ ଅମଳ ସମୟରେ ଦେଖାଯାଉଥିବା ଅନୁକୂଳତମ କାର୍ଯ୍ୟକାରିତା ସ୍ଥିତିକୁ ଦୃଷ୍ଟିରେ ରଖି କରାଯାଇଛି। ଅନ୍ୟ ଦିଗରୁ ବିଚାର କଲେ, ଏପରି କରିବା ଦ୍ୱାରା ଉଭିଦଟିକୁ ଅତି ଅଳ୍ପ କ୍ଷତି ପହଂଚିଥାଏ।

ଏହା ସୁପାରିଶ କରାଯାଇପାରେ ଯେ ପ୍ରତ୍ୟେକ ଔଷଧୀୟ ଉତ୍ପାଦନ ପାଇଁ 'କ୍ରିୟାବିଧି ସମ୍ପାଦନ କରିବାର ମାନଦଣ୍ଡ' ଲେଖାଯିବା ଆବଶ୍ୟକ ଯାହାକି ପ୍ରକୃତିକୁ ସର୍ବନିମ୍ନ କ୍ଷତି ପହଂଚାଉଥିବ ଏବଂ ଔଷଧୀୟ ପଦାର୍ଥର ଅନୁକୂଳତମ ଗୁଣବତ୍ତା ବଜାୟ ରଖିପାରୁଥିବ। ବିଭିନ୍ନ କିସମ ଅମଳ ସମୟରେ ଯତ୍ନଶୀଳ ହେବାଭଳି କିଛି ପ୍ରସଂଗ ନିମ୍ନରେ ଦିଆଗଲା -

**୬.୧. ଭୂମିତଳ ଅଂଗ :**

**୬.୧.୧.** ବର୍ଷକିଆ ଗଛଗୁଡ଼ିକର ଚେର ସମ୍ପୂର୍ଣ୍ଣ ରୂପେ ବୃଦ୍ଧି ଓ ପରିପକ୍ୱ ହେବାପରେ ଖୋଳାଯିବା ଦରକାର।

**୬.୧.୨.** ବହୁବର୍ଷୀୟ ଗଛଗୁଡ଼ିକର ଚେର ପତ୍ର ଝଡ଼ିବା ପରେ ବା ବସନ୍ତ ଋତୁର ଆରମ୍ଭରେ ସଂଗ୍ରହ କରିବା ଉଚିତ୍। ଦ୍ୱିବାର୍ଷିକ ବୃକ୍ଷର ଚେର ପ୍ରଥମ ବର୍ଷର ପତ୍ର ଝଡ଼ିବା ପରେ ବା ଦ୍ୱିତୀୟ ବର୍ଷ ବସନ୍ତ ଋତୁରେ ସଂଗ୍ରହ କରିବା ଉଚିତ୍।

**୬.୧.୩.** ସୁଗନ୍ଧି ତୈଳ ଅଂଶ ଅଧିକ ଥିବା ଚେରକୁ ଅତି ଯତ୍ନର ସହିତ ସଂଗ୍ରହ କରାଯିବା ଆବଶ୍ୟକ କାରଣ ବିଶେଷ ଭାବରେ ତୈଳ ଥିବା ଚେରର ଉପରିସ୍ଥ ସୂକ୍ଷ୍ମ ଚର୍ମକୁ ଆଘାତ ପହଂଚିପାରେ; ନଚେତ୍ ସୁଗନ୍ଧି ତୈଳ ନଷ୍ଟ ହୁଏ ବା ମାନ ହ୍ରାସ ହୋଇଥାଏ।

**୬.୧.୪.** କୌଣସି ନିର୍ଦ୍ଦିଷ୍ଟ ପ୍ରଜାତିର ବିଶେଷ ଆବଶ୍ୟକତା ନଥିଲେ, ଭୂମିତଳ ଅଂଗ, ଯଥା ଚେର ବା ସମ୍ପୂର୍ଣ୍ଣ ମୂଳଗୁଡ଼ିକୁ ମଞ୍ଜି ଝଡ଼ିଯିବା ପରେ ଅମଳ କରିବା ବିଧେୟ। ଏହା କରିବା ଦ୍ୱାରା ପ୍ରଜାତିର ପୁନଃ ଅଙ୍କୁରୋଦ୍ଗମ ସହଜ ହୁଏ।

**୬.୧.୫.** ଯେଉଁ କ୍ଷେତ୍ରରେ ମୂଳ ଚେରଟି ଖୋଳି ବାହାର କରାଯିବା ଆବଶ୍ୟକ, ସେ ସମୟରେ ଉପଯୁକ୍ତ ଯନ୍ତ୍ରପାତି ବ୍ୟବହାର କରି ସାବଧାନତା ସହକାରେ ଅତି ଅଳ୍ପ ପରିସୀମାରେ ଏହାକୁ ଏପରି ଖୋଳାଯିବା ଦରକାର, ଯେପରି ଏହି ଉଭିଦ ଚାରିପଟେ ଥିବା ଅନ୍ୟାନ୍ୟ ଉଭିଦଗୁଡ଼ିକୁ ସ୍ୱଳ୍ପ ହାନି ପହଂଚିବ।

**୬.୧.୬.** ଚେରରୁ ବଂଶ ବିସ୍ତାର କରୁଥିବା ଉଦ୍ଭିଦର ଚେର ସଂଗ୍ରହ କଲାବେଳେ ପରବର୍ତ୍ତୀ ପ୍ରଜନନ ପାଇଁ ମାଟି ତଳେ ଚେରର ଅଧିକ ଭାଗ ଛାଡ଼ିବା ଦରକାର।

**୬.୧.୭.** ମାଟିତଳ ପଦାର୍ଥଗୁଡ଼ିକ ପୁଟୁଳିକରଣ ହେବା ପୂର୍ବରୁ ସଂଗ୍ରହ ପରେ ଉପଯୁକ୍ତ ଭାବରେ ଧୁଆ ଯିବା ପ୍ରତି ଓ ଆଦ୍ରତା ହ୍ରାସ ପର୍ଯ୍ୟନ୍ତ ଶୁଖାଯିବା ପ୍ରତି ଧ୍ୟାନ ଦିଆଯିବା ଆବଶ୍ୟକ।

**୬.୨. ବର୍ଷିକିଆ ଔଷଧୀୟ ଉଦ୍ଭିଦ / ସମ୍ପୂର୍ଣ୍ଣ ଉଦ୍ଭିଦ:**

**୬.୨.୧.** ଯେଉଁ ସମୟରେ ସମ୍ପୂର୍ଣ୍ଣ ତୃଣ ଜାତୀୟ ଔଷଧୀୟ ଉଦ୍ଭିଦକୁ ସଂଗ୍ରହ କରାଯାଉଛି କିମ୍ବା ଏହାର ବାୟବୀୟ ଅଂଶକୁ ସଂଗ୍ରହ କରାଯାଉଛି ଏହା ଫୁଲ କଢ଼ି ଧରିବା ସମୟରେ ବା ଫୁଲ ଫୁଟିବା ସମୟରେ ହେବା ଆବଶ୍ୟକ ଅଥବା ଉଦ୍ଭିଦଟିର କୌଣସି ଅଂଗ ନଷ୍ଟ ହେବା ପୂର୍ବରୁ ହେବା ଉଚିତ୍।

**୬.୨.୨.** ସଂଗ୍ରହ କରାଯାଉଥିବା ସ୍ଥାନରୁ ଉଦ୍ଭିଦଟିର ସମଗ୍ର ବଂଶକୁ ଅମଳ କରିବା ଅନୁଚିତ୍। ପ୍ରଜାତିଟିର କିଛି ଗୋଷ୍ଠୀଙ୍କୁ ପ୍ରକୃତି କୋଳରେ ଛାଡ଼ିଦେବା ଉଚିତ, ଯାହା ଫଳରେ ଏହାର ବଂଶ ବୃଦ୍ଧି ହୋଇପାରିବ ଓ ଭବିଷ୍ୟତରେ ସଂଗ୍ରହ କରାଯାଇ ପାରିବ।

**୬.୨.୩.** ଯେତେବେଳେ ଏକ ବୃହତ ଅଂଚଳରୁ ସଂଗ୍ରହ କରାଯାଉଛି, ସେତେବେଳେ କମ୍ପ୍ୟୁଟର ସହିତ ବିଭିନ୍ନ ଗାଣିତିକ ପଦ୍ଧତିରେ କେଉଁ ପ୍ରଜାତିରୁ କେତେ ସଂଗ୍ରହ କରାଯାଉଛି, ତାହାର ଆକଳନ କରାଯାଇ ପାରିବ।

**୬.୨.୪.** ବର୍ଷିକିଆ ଗଛ, ବିଶେଷତଃ ଛୋଟ ବୁଦା, ଲତା, ଘାସ ପ୍ରଭୃତି ଦୂଷିତ ହେବାର ସମ୍ଭାବନା ଅଧିକ ଥାଏ। ସମୟ ସମୟରେ ଏହା ପରସ୍ପର ସହିତ ମିଶି ଦୂଷିତ ହୋଇଥାନ୍ତି। ତେଣୁ ସଂଗ୍ରହ କରିବା ଠିକ୍ ପରେ ଶୁଖେଇବାକୁ ଆଉ ନରଖି ଏଗୁଡ଼ିକୁ ପରସ୍ପର ଠାରୁ ବାଛି ଅଲଗା କରିଦେବା ଉଚିତ୍।

**୬.୨.୫.** ସୁଗନ୍ଧି ଉଦ୍ଭିଦ ଏବଂ ଅନ୍ୟ ଉଦ୍ଭିଦର ସମ୍ବେଦନଶୀଳ ଅଂଶ ଯଥା ପୁଂକେଶର ଓ ଗର୍ଭକେଶରଗୁଡ଼ିକୁ ସିଧା ସଳଖ ସୂର୍ଯ୍ୟାଲୋକରେ ଶୁଖାଯିବା ଉଚିତ୍ ନୁହେଁ। ଯଦି ଏଗୁଡ଼ିକ ଓଦା ଅବସ୍ଥାରେ ସଂଗ୍ରହ କରାଯାଇଥାଏ, ତେବେ ସେଗୁଡ଼ିକୁ ସଙ୍ଗେ ସଙ୍ଗେ ବାହ୍ୟ ଆଦ୍ରତାରୁ ଅଲଗା କରି ଗୋଟିଏ ଛାଇ ଜାଗାରେ ରଖାଯିବା ଉଚିତ୍।

**୬.୩. କାଣ୍ଡ ବକଳ :**

**୬.୩.୧.** ଉଦ୍ଭିଦଟି ନୂତନଭାବେ ପଲ୍ଲବିତ ବା ବୃଦ୍ଧି ହେଉଥିବା ଅବସ୍ଥାରେ (ଯଥା ବସନ୍ତ କାଳରେ) କାଣ୍ଡ ବକଳର ଅମଳ କରିବା ଉଚିତ୍ ନୁହେଁ।

**୬.୩.୨.** ଯେତେ ଦୂର ସମ୍ଭବ ବକଳଗୁଡ଼ିକ ଗଛର ପରିପକ୍ୱ ଡାଳରୁ ସଂଗ୍ରହ କରିବା ଉଚିତ୍ ଏବଂ ଗଛଟିର ମୁଖ୍ୟ ଗଣ୍ଡିକୁ ଛାଡ଼ିବା ବିଧେୟ। ଏକ ସଂଗରେ ସମ୍ପୂର୍ଣ୍ଣ ଡାଳରୁ ବା ଗଣ୍ଡିରୁ ବକଳ ଛଡ଼େଇବା ଉଚିତ୍ ନୁହେଁ।

**୬.୩.୩.** ଗଛଟି ଯଦି ଅନ୍ୟ ଉଦ୍ଦେଶ୍ୟରେ, ଯଥା କାଠ ରୂପେ ବ୍ୟବହାର ହେବାକୁ ନାହିଁ, ତେବେ ମୁଖ୍ୟ ଗଣ୍ଡିରୁ ବା ପରିପକ୍ୱ ଡାଳରୁ ପୂରା ଗୋଲାକାରରେ କାଟି ବକଳ ଛଡ଼ାଯିବା ଉଚିତ୍ ନୁହେଁ। ବକଳଗୁଡ଼ିକୁ ସିଧାସଳଖ ଭାବେ ଛେଲିଲେ (ଆଂଶିକ ଭାବରେ କାଣ୍ଡର ଲମ୍ବ ସହ ସମାନ୍ତରାଳ ରଖି), ଗଛଟି ସହଜରେ ମାଟିରୁ ପାଣି ଓ ଖାଦ୍ୟ ସଂଗ୍ରହ କରିପାରେ।

**୬.୩.୪.** ନିର୍ଦ୍ଦିଷ୍ଟ ଗଛକୁ ପୁନର୍ବାର ଉଦ୍‌ଜୀବିତ ହେବା ପାଇଁ ଯଥେଷ୍ଟ ସମୟ ନଦେଇ, ସେଥିରୁ ବାରମ୍ବାର କାଣ୍ଡ ବକଳ ସଂଗ୍ରହ କରିବା ଅନୁଚିତ୍। ଅପରିପକ୍ୱ ବୃକ୍ଷ ବା ଡାଳରୁ ବକଳ ସଂଗୃହିତ ହେବା ଅନୁଚିତ୍।

**୬.୩.୫.** ଯଦି ଦରକାରୀ ହୋଇନଥାଏ, କାଣ୍ଡଟି ସହିତ ସଂଲଗ୍ନ ବାହ୍ୟ ଶୁଷ୍କ ଚେରଗୁଡ଼ିକୁ କାଢ଼ି ଦେବା ଉଚିତ୍।

**୬.୩.୬.** ଛାଲିଗୁଡ଼ିକ ଠିକ୍ ଭାବରେ ଶୁଖିବା ପାଇଁ, ସେଗୁଡିକୁ ଛୋଟ ଛୋଟ ଅଂଶରେ କାଟି ଶୁଖେଇବା ଉଚିତ୍।

**୬.୩.୭.** ନିର୍ଦ୍ଦିଷ୍ଟ କେତୋଟି କ୍ଷେତ୍ରକୁ ଛାଡ଼ି, ଛାଲିଗୁଡ଼ିକ ଖୋଲା ଖରାରେ ଶୁଖେଇବା ଉଚିତ୍।

**୬.୪. କାଣ୍ଡ କିମ୍ବା କାଠ :**

**୬.୪.୧.** କେବଳ ନିର୍ଦ୍ଦିଷ୍ଟ ପରିପକ୍ୱ ଗଛର ଡାଳକୁ ବା ବୁଦାକୁ ଏକ ସଂଗରେ ଅମଳ କରାଯାଇପାରେ। ଉକ୍ତ ଗଛର ଡାଳକୁ ପ୍ରତିବର୍ଷ ବାରମ୍ବାର ସଂଗ୍ରହ କରିବା ଉଚିତ୍ ନୁହେଁ। ଯେଉଁ କ୍ଷେତ୍ରରେ ଗଣ୍ଡିଟି ଔଷଧୀୟ ପଦାର୍ଥ ରୂପେ ବ୍ୟବହାର ହୁଏ, ମୁଖ୍ୟ କେନ୍ଦ୍ରସ୍ଥଳଟିକୁ ଅମଳ କରିବା ଉଚିତ୍।

**୬.୪.୨.** ଔଷଧୀୟ ପଦାର୍ଥକୁ ଛୋଟ ଛୋଟକରି କାଟିବା ଉଚିତ୍ ଯେପରିକି ଏହା ଶୀଘ୍ର ଶୁଖିପାରିବ, ଭଲରେ ପୁଟୁଳି ହୋଇ ପାରିବ, ଉପଯୁକ୍ତ ଭାବରେ ରଖାଯାଇ ପାରିବ। କାଷ୍ଠ ଖଣ୍ଡଗୁଡ଼ିକୁ ଛୋଟ ଛୋଟ ଟୁକୁରାରେ ପରିଣତ କରିବା ଅଥବା ଚୂନାରେ ପରିଣତ କରିବା ଦ୍ୱାରା ଏହା ଠିକ୍ ଭାବରେ ଶୁଖିପାରେ।

**୬.୪.୩.** ନିର୍ଦ୍ଦିଷ୍ଟ କେତୋଟି କ୍ଷେତ୍ରକୁ ଛାଡ଼ି, କାଣ୍ଡ ଓ କାଠ ଜାତୀୟ ଔଷଧୀୟ ପଦାର୍ଥକୁ ସିଧାସଳଖ ସୂର୍ଯ୍ୟାଲୋକରେ ଶୁଖେଇବା ଉଚିତ୍।

**୬.୫. ପତ୍ର :**

**୬.୫.୧.** ଯଦି ବିଶେଷ ଭାବରେ ସୂଚନା ଦିଆଯାଇ ନାହିଁ, ବୁଦା ବା ଗୁଳ୍ମ ଜାତୀୟ ଉଦ୍ଭିଦର ପତ୍ରକୁ ଫୁଲ ଫୁଟିବା ଆଗରୁ ସଂଗ୍ରହ କରିବା ଆବଶ୍ୟକ। ଯଥା ସମ୍ଭବ ପରିପୃଷ୍ଟ ଉଦ୍ଭିଦରୁ ପତ୍ର ସଂଗ୍ରହ କରାଯିବା ଉଚିତ୍। ଗଛର ବୟସ ବୃଦ୍ଧି ସହିତ ଯଦି ପତ୍ରରେ ଥିବା ଜୈବିକ କ୍ରିୟାଶୀଳ ଶକ୍ତିର ହ୍ରାସ ବୃଦ୍ଧି ହେଉ ନଥାଏ, ସେହି କ୍ଷେତ୍ରରେ ପତ୍ର ସଂଗ୍ରହକୁ ବିଳମ୍ବିତ କରାଯାଇପାରେ।

**୬.୫.୨.** ମୂଳ ଉଦ୍ଭିଦର ପତ୍ରଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ତୋଳି ଆଣିବା ଉଚିତ୍ ନୁହେଁ। ଉଦ୍ଭିଦଟିକୁ ନୈମିତିକ ଜୀବନ ଧାରଣ ପ୍ରକ୍ରିୟାରେ ସାହାଯ୍ୟ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ପରିମାଣର ପତ୍ର ଛାଡ଼ିବା ଆବଶ୍ୟକ।

**୬.୫.୩.** ପତ୍ର ସଂଗ୍ରହ କାର୍ଯ୍ୟକୁ ସହଜ କରିବା ପାଇଁ ବା ହାତ ଅପହଂଚ ପତ୍ରକୁ ସହଜରେ ତୋଳିବା ପାଇଁ କୌଣସି ବୃକ୍ଷ, ବୁଦା ବା ତା'ର ଡାଳକୁ ସମ୍ପୂର୍ଣ୍ଣ ରୂପେ ହାଣିଦେବା ଅନୁଚିତ।

**୬.୫.୪.** ଅତି କଅଁଳିଆ ପତ୍ରଗୁଡ଼ିକ ଯଦି ଆବଶ୍ୟକୀୟ ପଦାର୍ଥ ରୂପେ ଅନୁମୋଦନ ପାଇଁ ନାହିଁ, ତେବେ ଏଗୁଡ଼ିକୁ ସଂଗ୍ରହ କରିବା ଅନୁଚିତ। ଯେଉଁ ପତ୍ରଗୁଡ଼ିକ ଶୁଖିଥିବ ବା ମଳିନ ପଡ଼ିଥିବ, ଦୂଷିତ ହୋଇଥିବ, କୌଣସି ପ୍ରକାରେ ବିକୃତ ହୋଇଥିବ ଅବା ଅସ୍ୱାସ୍ଥ୍ୟକର ହୋଇଥିବ, ତାହା ବର୍ଜନୀୟ।

**୬.୫.୫.** ସାଧାରଣତଃ, ପତ୍ରଗୁଡ଼ିରେ ଯଦି ବାହ୍ୟ ଆଦ୍ରତା ନଥାଏ, ସେଗୁଡ଼ିକ ସିଧା ସଳଖ ସୂର୍ଯ୍ୟ ତାପରେ ଶୁଖେଇବା ଉଚିତ୍ ନୁହେଁ। ଏଭଳି କ୍ଷେତ୍ରରେ ପ୍ରାଥମିକ ଅବସ୍ଥାରେ କିଛି ସମୟ ପାଇଁ ସିଧା ସୂର୍ଯ୍ୟାଲୋକରେ ଶୁଖାଯାଇପାରେ। ବାହ୍ୟ ଆଦ୍ରତା ଶୁଖିବା ସଙ୍ଗେ ସଙ୍ଗେ ଛାଇରେ ବା ଛାଇଛାଇକା ଖରାରେ ଶୁଖେଇବା ବିଧେୟ। ଏହି ପଦାର୍ଥଗୁଡ଼ିକୁ ଶୁଖେଇବା ସମୟରେ ବାରମ୍ବାର ଓଲଟାଇବା ଉଚିତ୍ ଏହାଦ୍ୱାରା ପତ୍ରଗୁଡ଼ିକ ଶୀଘ୍ର ଓ ସମଭାବରେ ଶୁଖିଥାଏ।

**୬.୫.୬.** ପତ୍ରଗୁଡ଼ିକ ସମ୍ପୂର୍ଣ୍ଣ ଶୁଖି ସାରିଛି ବୋଲି ଜାଣିଲା ପରେ ଏହାର ପୁଟୁଳିକରଣ କରିବା ଆବଶ୍ୟକ। ଯଦି କୌଣସି ପତ୍ରରେ ସାମାନ୍ୟ ଆଦ୍ରତା ରହିଥିବ, ତେବେ ଏହା ବିଭିନ୍ନ ଫିମ୍ପି ଜାତୀୟ ଦୂଷିତ ପଦାର୍ଥ ଦ୍ୱାରା ଆକ୍ରାନ୍ତ ହୋଇ ବନ୍ଧା ହୋଇଥିବା ସମଗ୍ର ପଦାର୍ଥକୁ ନଷ୍ଟ କରିଦେବ।

**୬.୫.୭.** ଯେଉଁ ପତ୍ରରେ ଅଧିକ ସୁଗନ୍ଧି ତୈଳ ଜାତୀୟ ପଦାର୍ଥ ଥିବ, ତାହାକୁ ଅତି ସାବଧାନତାର ସହ ପରିଚାଳନା କରିବା ଆବଶ୍ୟକ। କାରଣ ଏହା ଆଘାତ ପ୍ରାପ୍ତ ହେଲେ, ଏହାର ତୈଳ ଅଂଶ ନଷ୍ଟ ହୋଇଯାଏ ବା ମାନ କମିଯାଏ।

**୬.୫.୮.** ପତ୍ରଗୁଡ଼ିକ ଏପରି ଋତୁରେ ସଂଗ୍ରହ କରାଯିବା ଉଚିତ୍ ଯେଉଁ ସମୟରେ ଏହା ସମ୍ପୂର୍ଣ୍ଣ ବଢ଼ିଥିବ ଓ ସମସ୍ତ ଗୁଣ ଧାରଣ କରିଥିବ।

**୬.୫.୯.** ବୃକ୍ଷଟି ଯେତେବେଳେ ପ୍ରାକୃତିକ ପରିବେଶର ଚାପରେ ଥିବ, ସେ ସମୟରେ ପତ୍ର ସଂଗ୍ରହ କରିବା ବନ୍ଦ କରିଦେବା ଉଚିତ୍ ବା ଖୁବ୍ ଅଳ୍ପ ପରିମାଣରେ ସଂଗ୍ରହ କରିବା ଉଚିତ୍।

**୬.୫.୧୦.** ଯଦି ବୃକ୍ଷଟିର ପତ୍ରର ଆକାର ଛୋଟ ହେବାରେ ଲାଗିଥାଏ, ତେବେ ବୃକ୍ଷଟି ରୁକ୍ଷ ପରିବେଶରେ ଅଛି ବୋଲି ଜାଣି ପତ୍ର ସଂଗ୍ରହର ପରିମାଣ ହ୍ରାସ କରିବା ବିଧେୟ।

**୬.୫.୧୧.** ଯଦି କୌଣସି ପରିସ୍ଥିତିରେ ବୃକ୍ଷଟି ଆକାରରେ ଛୋଟ ହୋଇଯାଉଛି (ବଂଶ ବୃଦ୍ଧି କାରଣରୁ), ତେବେ ପତ୍ର ସଂଗ୍ରହର ପରିମାଣ କମ୍ କରିଦେବା ଆବଶ୍ୟକ।

**୬.୫.୧୨.** ଯଦି କୌଣସି ଜାଗାରେ ଗୋଚାରଣ, ନିଆଁ କିମ୍ବା ଅନ୍ୟ ପ୍ରାକୃତିକ ବିପତ୍ତିର ଚାପ ପଡ଼ିଥାଏ, ଯାହାକି ବୃକ୍ଷଟି ଉପରେ ନକାରତ୍ମକ ପ୍ରଭାବ ପକାଇବ, ତେବେ ପତ୍ର ସଂଗ୍ରହର ପରିମାଣ କମ୍ କରିବା ଉଚିତ୍।

**୬.୬. ଫୁଲ ଓ ଫୁଲର ଅଂଶ :**

**୬.୬.୧.** ସୁଗନ୍ଧକୁ ସଂରକ୍ଷିତ ରଖିବା ପାଇଁ, ଫୁଲଗୁଡ଼ିକ (ଯଦି ଦରକାର ଥାଏ ଫୁଲର ଉପକାରୀ ପାଖୁଡ଼ାଗୁଡ଼ିକ) ଠିକ୍ ଫୁଟିବା ଅବସ୍ଥାରେ ବା ଅଳ୍ପ ବ୍ୟବଧାନରେ ସଂଗ୍ରହ କରାଯିବା ଆବଶ୍ୟକ।

**୬.୬.୨.** ଫୁଲ କଢ଼ିଗୁଡ଼ିକ ଖୋଲିଯିବା ପୂର୍ବରୁ ଏବଂ ପ୍ରାତଃ ସମୟ ଆରମ୍ଭରେ ସଂଗ୍ରହ କରାଯିବା ଉଚିତ୍। ଏହି ସମୟରେ କଢ଼ି ମଧ୍ୟରେ ଥିବା କୀଟ ପତଙ୍ଗଙ୍କୁ ଝାଡ଼ି ବାହାର କରିଦେବା ଆବଶ୍ୟକ।

**୬.୬.୩.** ଯେଉଁ ଫୁଲ ଗୁଡ଼ିକରେ ସୁଗନ୍ଧି ତୈଳ ଅଂଶ ଥାଏ, ସେଗୁଡ଼ିକା ଅତି ଯତ୍ନର ସହ ତୋଳାଯିବା ଆବଶ୍ୟକ ନଚେତ୍ ଦଳି ମକଚି ହୋଇ ଆବଶ୍ୟକୀୟ ସୁଗନ୍ଧି ତୈଳର ମାନ ହ୍ରାସ ପାଏ।

**୬.୬.୪.** ଗଛ, ବୁଦା ବା ଲତା ଭଳି ବହୁବର୍ଷୀୟ ଉଦ୍ଭିଦରୁ ସମସ୍ତ ଫୁଲ ସଂଗ୍ରହ କରାଯିବା ଅନୁଚିତ୍। ସେହିଭଳି ବର୍ଷକିଆ ଗଛ, ବୁଦା ବା ଲତାର ସମଗ୍ର ବଂଶରୁ ଏକ ସମୟରେ ସମସ୍ତ ଫୁଲ ତୋଳିବା ବା ସଂଗ୍ରହ କରିବା ଅନୁଚିତ। ପରାଗସଂଗମ, ଗର୍ଭଧାରଣ, ଫଳ / ମଞ୍ଜିଧାରଣ ଏବଂ ବୀଜବିକ୍ଷେପ ପାଇଁ ଯଥେଷ୍ଟ ଫୁଲ ଛାଡ଼ିବା ଆବଶ୍ୟକ।

**୬.୬.୫.** ଫୁଲର ଅନ୍ୟ ଅଂଶ ଯଥା - ପାଖୁଡ଼ା, ପୁଁକେଶର, ସ୍ତ୍ରୀକେଶର ଇତ୍ୟାଦିକୁ ଉପଯୁକ୍ତ ପରିପକ୍ୱ ଅବସ୍ଥାରେ ସଂଗ୍ରହ କରାଯିବା ଆବଶ୍ୟକ, ଫଳରେ ଆବଶ୍ୟକୀୟ ସକ୍ରିୟ ଗୁଣମାନ ବଜାୟ ରହିପାରିବ।

**୬.୬.୬.** ଅତି ନରମ ଜାତିର ଫୁଲ ବା ଫୁଲରୁ ସଂଗୃହିତ ନରମ ଅଂଶକୁ ସିଧା ସଳଖ ଖରାରେ ଶୁଖେଇବା ଅନୁଚିତ। କେବଳ ମାଂସଳ ଫୁଲ ଯଥା ମହୁଲ ପ୍ରଭୃତିକୁ ପ୍ରାଥମିକ ଅବସ୍ଥାରେ ସିଧା ସଳଖ ଖରାରେ ଶୁଖେଇବା ଆବଶ୍ୟକ ଯାହାକି ଉକ୍ତ ଫୁଲର ଆଦ୍ରତା ହ୍ରାସ କରେ ଓ ଏହାପରେ ଛାଇରେ ବା ଛାଇଛାଇକା ଖରାରେ ଶୁଖେଇବା ଆବଶ୍ୟକ।

**୬.୬.୭.** ଫୁଲ ବା ଫୁଲର ଅଂଶରୁ ଉତ୍ପାଦିତ ଔଷଧୀୟ ଉଦ୍ଭିଦ ପଦାର୍ଥକୁ ଆଦ୍ରତା ନିରୋଧକ ଏବଂ ସମ୍ପୂର୍ଣ୍ଣ ସୁରକ୍ଷିତ ଧାରକରେ ରଖିବା ବିଧେୟ ଏବଂ ସିଧାସଳଖ ସୂର୍ଯ୍ୟ କିରଣଠାରୁ ଦୂରରେ ରଖିବା ଉଚିତ୍।

**୬.୭. ଫଳ ଓ ମଞ୍ଜି :**

**୬.୭.୧.** ଫଳ ଓ ମଞ୍ଜି କେବଳ ପରିପକ୍ୱ ଅବସ୍ଥାରେ ସଂଗ୍ରହ କରିବା ଆବଶ୍ୟକ। କେତେକ କ୍ଷେତ୍ରରେ ଅପରିପକ୍ୱ ଫଳ ବା ମଞ୍ଜି ଔଷଧୀୟ ଗୁଣଯୁକ୍ତ ହୋଇଥିବାରୁ ସଂଗ୍ରହ କରାଯାଇ ପାରେ (ଯଥା - ତେନ୍ତୁଳି, କୋଳି ଇତ୍ୟାଦି)। ଶୁଖିଗଲା ପରେ ଫାଟି ଯାଉଥିବା ପ୍ରଜାତିର ଫଳକୁ ସଂମ୍ପୂର୍ଣ୍ଣ ପରିପକ୍ୱ ହେବା ପୂର୍ବରୁ ମଧ୍ୟ ସଂଗ୍ରହ କରାଯିବା ଆବଶ୍ୟକ।

**୬.୭.୨.** କୌଣସି ବୁଦା ବା ଗଛରୁ ଏକ ସଙ୍ଗରେ ସମସ୍ତ ଫଳ ବା ମଞ୍ଜି ସଂଗ୍ରହ କରିବା ଅନୁଚିତ। ଏହାର ବଂଶ ବୃଦ୍ଧି ପାଇଁ ଉକ୍ତ ଗଛରେ କିଛି ସୁସ୍ଥ ଫଳ ବା ମଞ୍ଜି ଛାଡ଼ିଦେବା ଦରକାର। ସେହିପରି, ବର୍ଷକିଆ ଗଛ ବା ବୁଦାରୁ ଏକ ସଙ୍ଗରେ ସମସ୍ତ ଫଳ ବା ମଞ୍ଜି ସଂଗ୍ରହ କରିନେବା ଅନୁଚିତ୍।

**୬.୭.୩.** ସମ୍ପୂର୍ଣ୍ଣ ବୁଦା, ଗଛ ବା ତାହାର ଡାଳକୁ ଛେଦନ କରି ଫଳ ବା ମଞ୍ଜି ସଂଗ୍ରହ କରିବା ଅନୁଚିତ୍।

**୬.୭.୪.** ଅପରିପକ୍ୱ, ଦୂଷିତ, ବିକୃତ ଫଳ ବା ମଞ୍ଜିଗୁଡ଼ିକୁ ଠିକ୍ ଭାବରେ ଅନ୍ୟମାନଙ୍କଠାରୁ ଅଲଗା କରି ରଖାଯିବା ଦରକାର ବା ନଷ୍ଟ କରିଦେବା ଉଚିତ୍।

**୬.୭.୫.** ଯଦି ଔଷଧୀୟ ଉଦ୍ଭିଦଜାତ ପଦାର୍ଥ ତାଜା ଫଳ ହୋଇଥାଏ (ଯଥା ତେନ୍ତୁଳି), ତେବେ ଏହାକୁ ସଂଗ୍ରହ ପରେ ପରେ ଯଥା ଶୀଘ୍ର ଶୀତତାପ ନିୟନ୍ତ୍ରିତ ଗୋଦାମକୁ ବା ଏଥିରୁ ରସ ନିଷ୍କାସନ କରାଯାଉଥିବା କାରଖାନାକୁ ପଠାଇଦେବା ଆବଶ୍ୟକ।

**୬.୭.୬.** ବ୍ୟବସାୟ କରିବା ପୂର୍ବରୁ ଆବଶ୍ୟକ ସ୍ଥଳେ ଫଳରୁ ମଂଜିଗୁଡ଼ିକୁ ବାହାର କରିଦେବା ଆବଶ୍ୟକ।

**୬.୭.୭.** ଔଷଧି ଉତ୍ପାଦନର ଆବଶ୍ୟକତା ଅନୁସାରେ ଫଳଗୁଡ଼ିକୁ ଛୋଟ ଛୋଟ କରି କାଟିବା ଉଚିତ୍ ଯାହାକି ଶୁଷ୍କକରଣ ଓ ପୁଟୁଳିକରଣରେ ସାହାଯ୍ୟ କରିବ।

**୬.୭.୮.** ପୁଟୁଳି କରିବା ପୂର୍ବରୁ ଫଳ ବା ମଞ୍ଜିଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ଶୁଖିଛି କି ନାହିଁ, ପରଖିନେବା ଦରକାର। ମନଇଚ୍ଛା ଏଥିରୁ ସେଥିରୁ କିଛି ଫଳ ବା ମଂଜିକୁ ନେଇ ସେଥିରେ ଅନ୍ତର୍ନିହିତ ଆଦ୍ରତା ଅଛି କି ନାହିଁ ପରୀକ୍ଷା କରିନେବା ବିଧେୟ।

**୬.୮. ଅଠା ଓ ଝୁଣା :**

**୬.୮.୧.** ସଂଗ୍ରାହକ / ସଂଗ୍ରହ ପରିଚାଳକମାନେ କ୍ଷରିତରସ ସଂଗ୍ରହ ସମୟରେ ମୁଖ୍ୟ ଉଦ୍ଭିଦକୁ ବା ମା' ବୃକ୍ଷକୁ ସର୍ବନିମ୍ନ କ୍ଷତି ପହଂଚିବା ପ୍ରତି ଯତ୍ନଶୀଳ ହେବେ। କ୍ଷରିତରସ ସଂଗ୍ରହ ପାଇଁ ବୃକ୍ଷଟିରେ ଲମ୍ବା-ଲମ୍ବି ଭାବରେ ଅଳ୍ପ କେତୋଟି କ୍ଷତ ସୃଷ୍ଟି କରିବା ଉଚିତ୍। ଉକ୍ତ କ୍ଷତଗୁଡ଼ିକୁ ବିଭିନ୍ନ ଜୀବାଣୁ ଓ ଫିମ୍ପିଠାରୁ ସୁରକ୍ଷିତ ରଖିବାପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯିବା ଆବଶ୍ୟକ ଏବଂ ଏହି ସୁରକ୍ଷା ପଦକ୍ଷେପ କ୍ଷରିତ ରସ ସଂଗ୍ରହର ଠିକ୍ ପରେ ପରେ ନିଆଯିବା ଆବଶ୍ୟକ।

**୬.୮.୨.** ବୃକ୍ଷରେ କଟାଯାଉଥିବା ଜାଗା ବା କ୍ଷତ ଜାଗାଗୁଡ଼ିକ ଭୂମିର ଅତି ନିକଟରେ ବା ଗୋରୁ ମଇଁଷି ଅବା ବନ୍ୟଜନ୍ତୁଙ୍କର ସହଜ ପହଂଚିବା ସ୍ଥାନରେ ନ ହେବା ଆବଶ୍ୟକ। କ୍ଷରିତରସ ସଂଗ୍ରହ ପାତ୍ରଗୁଡ଼ିକ ଏପରି ଭାବରେ ନିର୍ମିତ ହେବା ଦରକାର ଯାହା ବର୍ଷା ଓ ପଶୁପକ୍ଷୀଙ୍କର ମଳ ପତନକୁ ଅବା ଅନ୍ୟ ସେହି ଜାତୀୟ ଦୂଷିତକରଣକୁ ପ୍ରତିହତ କରି ପାରୁଥିବ।

**୬.୮.୩.** ଯେତେବେଳେ ସଂଗ୍ରହ କରାଯାଇଥିବା ଝୁଣା ବା ଅଠାରେ କୌଣସି ବାହ୍ୟ ପଦାର୍ଥ ମିଶିଯାଇଥିବାର ଆଂଶକା ଦେଖାଦେବ, ସେତେବେଳେ ଏଗୁଡ଼ିକୁ ଯତ୍ନ ସହକାରେ କାଢ଼ିଦେବା ଆବଶ୍ୟକ।

**୬.୮.୪.** ଯେଉଁ ବୃକ୍ଷ ବା ବୁଦାଗୁଡ଼ିକରୁ କ୍ଷରିତରସ ସଂଗ୍ରହ କରାଯାଇଥିବ, ସେଗୁଡ଼ିକୁ ବେଶ୍ କିଛି ସମୟ ବିରାମ ଦେବା ଉଚିତ୍, ଯାହା ଫଳରେ, ସେଗୁଡ଼ିକ ପୁର୍ନବାର ରସ ସଂଗ୍ରହ ପାଇଁ ଉପଯୁକ୍ତ ହୋଇପାରିବ।

**୬.୮.୫.** ଅଧିକାଂଶ ଅଠା ଓ ଝୁଣା ଦହନଶୀଳ। ତେଣୁ ଏଗୁଡ଼ିକୁ ଉପଯୁକ୍ତ ପାତ୍ରରେ ପୁଟୁଳିକରଣ କରିବା ସହିତ ଅଲଗା କରି ରଖିବା ଆବଶ୍ୟକ। ଶାଳ ଝୁଣା ଏବଂ ପାଇନ୍ ଅଠାର ପୁଟୁଳି ଉପରେ ଏହା 'ଦହନଶୀଳ ପଦାର୍ଥ' ବୋଲି ଲେଖି ଲେବ୍‌ଲ ବା ନାମପଟି ଲଗାଇବା ଆବଶ୍ୟକ, ଯାହାକି ଏହାର ସଂରକ୍ଷଣ ଓ ପରିବହନ ସମୟରେ କାମରେ ଲାଗିବ।

**୬.୮.୬.** ଛୋଟ ଓ ଯୁବା ଗଛଗୁଡ଼ିକରେ କଟାଦାଗ ଦେବା ନିଷେଧ। ଝୁଣା ବା ଅଠା ସଂଗ୍ରହ ପାଇଁ ଏକ ନିର୍ଦ୍ଦିଷ୍ଟ ଗୋଲେଇର ଯୋଗ୍ୟ ଗଛ ନିର୍ଦ୍ଧାରଣ କରାଯିବା ଆବଶ୍ୟକ, ଯାହା ଫଳରେ ନିର୍ଦ୍ଦିଷ୍ଟ ଗୋଲେଇର ଗଛଟି କମ୍ ଥିଲେ, ସେଥିରୁ ଝୁଣା ବା ଅଠା ସଂଗ୍ରହ ପାଇଁ ଅନୁମତି ଦିଆଯିବ ନାହିଁ।

**୬.୮.୮.** ସାଧାରଣତଃ ଗରମ ପାଗରେ ଅଠା ବା ଝୁଣାର ନିର୍ଗମନ ଅଧିକ ହୋଇଥାଏ। ତେଣୁ ଏହି ସବୁ ପ୍ରଜାତିରୁ ରସ ସଂଗ୍ରହ ଜୁନ୍‌ରୁ ଅକ୍ଟୋବର ମାସ ମଧ୍ୟରେ ହେବା ଆବଶ୍ୟକ।

**୬.୮.୯.** ଲମ୍ବା ତୀକ୍ଷ୍ଣ କାଟଗୁଡ଼ିକ ଅତି ଉତ୍ତମ, କାରଣ ଏହା ଶୁଦ୍ଧ ଝୁଣା / ଅଠା ଦେଇଥାଏ ଏବଂ ଗଛର ବକଳରେ ହୋଇଥିବା କଟାଦାଗଗୁଡ଼ିକ ମଧ୍ୟ ଶୀଘ୍ର ଭରି ହୋଇଯାଏ। ଇତଃସ୍ତତ କାଟଗୁଡ଼ିକ ଝୁଣା ଓ ଅଠାକୁ ଅଧିକ ଦୂଷିତ କରି ଦେଇଥାନ୍ତି। ଲମ୍ବା କାଟ ଅଧିକ ଫଳପ୍ରଦ, କାରଣ ଏହା ଝୁଣା ଓ ଅଠା ଉତ୍ପାଦନ ପାଇଁ ଅଧିକ ସ୍ଥାନ ଦେଇଥାଏ ଓ ଶୀଘ୍ର ଭରି ହୋଇଯାଏ। ଚାରିକୋଣିଆ ବା ଗୋଲାକାର କାଟଗୁଡ଼ିକ ଭରିବା ପାଇଁ ଅତି ଅଧିକ ସମୟ ନେଇଥାଏ କାରଣ ଦୁଇଟି କାଟ ମଧ୍ୟରେ ଥିବା ଦୂରତା ଅଧିକ ଥାଏ।

**୬.୮.୧୦** କାଟ ସୃଷ୍ଟି କରିବା ପାଇଁ ଅତି ଧାରୁଆ ଛୁରୀ ବା ନିହଣ ବ୍ୟବହାର କରିବା ଆବଶ୍ୟକ।

**୬.୮.୧୧** ନିର୍ଗତ ଝୁଣା ବା ଅଠାକୁ ଗଛର ବକଳରେ ଲାଗି ରହିବାକୁ ନଦେଇ ନିର୍ଗମନ ସ୍ଥାନରେ ନଡ଼ିଆ ସଢ଼େଇ ବା ବାଉଁଶ ନଳ ଭଳି ସଂଗ୍ରହ ପାତ୍ର ବାନ୍ଧିଦେବା ଆବଶ୍ୟକ।

**୬.୮.୧୨** ଗୋଟିଏ ବୃକ୍ଷରେ ଏକାଧିକ କାଟ ଦିଆଯାଇପାରେ। କାଟଗୁଡ଼ିକ ଇତସ୍ତତଃ ଦେଲେ, ଅଧିକ କ୍ଷରଣ ସମ୍ଭବ ହୁଏ। ଗୋଟିଏ ଗଛକୁ ତିନି ବର୍ଷ ଧରି କାଟ ଦେବା ପରେ, ଯଥେଷ୍ଟ ବିଶ୍ରାମ ଦେବା ଆବଶ୍ୟକ, ଯାହା ଫଳରେ ଗଛଟିର କ୍ଷତ ପୂରଣ ହୋଇ ପୁନର୍ବାର ରସଯୁକ୍ତ ହୋଇ ପାରିବ।

**୬.୯. ଅନ୍ୟାନ୍ୟ (କୋଷା, ଲାଖ ଇତ୍ୟାଦି) :**

**୬.୯.୧.** କୀଟଦ୍ୱାରା ଗଠିତ କୋଷାଗୁଡ଼ିକୁ କେବଳ ନିର୍ଦ୍ଦିଷ୍ଟ ପ୍ରଜାତିରୁ ସଂଗ୍ରହ କରିବା ଆବଶ୍ୟକ ଯଥା - କର୍କଟଶ୍ରିଙ୍ଗି (Karkatshringi from *Pistachio intergerrima*) ।

**୬.୯.୨.** କୀଟଦ୍ୱାରା ଗଠିତ କୋଷାଗୁଡ଼ିକ ଭିତରେ ଯେପରି ଜୀବିତ କୀଟ ନରହିବେ, ସଂଗ୍ରାହକମାନେ ସେଥିପ୍ରତି ଯତ୍ନବାନ ହେବା ଆବଶ୍ୟକ।

**୬.୯.୩.** ଅମଳ ପରବର୍ତ୍ତୀ ପରିଚାଳନା ସମୟରେ କୀଟଦ୍ୱାରା ଗଠିତ କୋଷାଗୁଡ଼ିକୁ ସଂଗ୍ରହ ପରେ ଏକ ନିଭୃତ ସ୍ଥାନରେ ରଖିବା ଉଚିତ୍ ଏବଂ ଏହି କୋଷାଗୁଡ଼ିକ ସଠିକ୍ ଭାବରେ ପୁଟୁଳିକରଣ କରି ସଂରକ୍ଷଣ କରିବା ଆବଶ୍ୟକ ଯେପରିକି ଅନ୍ୟ ପଦାର୍ଥ ଏହାକୁ ଦୂଷିତ କରି ନପାରେ।

# ୭. ଦସ୍ତାବିଜ୍ ପ୍ରସ୍ତୁତି

ଔଷଧୀୟ ଉଦ୍ଭିଦଜାତ ପଦାର୍ଥର ସଂଗ୍ରହ ସଂପର୍କିତ ଆବଶ୍ୟକୀୟ ସୂଚନା ଲିଖିତ ଆକାରରେ ରଖିଲେ ଦୁଇଟି ସୁବିଧା ମିଳେ। ପ୍ରଥମତଃ, ଔଷଧୀୟ ପଦାର୍ଥର ଇତିହାସ ଓ ଗୁଣବତ୍ତାକୁ ଅତି ସହଜରେ ଖୋଜି ପାଇବାରେ ଏହା ସାହାଯ୍ୟ କରେ। ଦ୍ୱିତୀୟତଃ, ଏହା ଔଷଧୀୟ ପଦାର୍ଥର ସଂଗ୍ରହ ସମ୍ବନ୍ଧୀୟ ସମସ୍ତ କ୍ରିୟାବିଧିକୁ  କିପରି ସକୌଶଳେ କରାଯିବ, ସୁବିଧା କରିଦିଏ। ତେଣୁ, ସମସ୍ତ ସଂଗ୍ରାହକ, ପରିଚାଳକ ବା ତତ୍ତ୍ୱାବଧାରକମାନେ ଯଥା ସମ୍ଭବ ସଂଗ୍ରହ ସମୟରେ ଯେପରି ଅଧିକରୁ ଅଧିକତର ସଂଗ୍ରହ ସମ୍ବନ୍ଧୀୟ ତଥ୍ୟ ଲିଖିତ ଆକାରରେ ରହିପାରିବ, ଚେଷ୍ଟା କରିବେ। ଉଦ୍ଭିଦଟିର ଶାରୀରିକ କ୍ରମ ବିକାଶ ସହ ସମତାଳରେ ଔଷଧୀୟ ପଦାର୍ଥର ଗୁଣବତ୍ତା ବିଷୟରେ ପର୍ଯ୍ୟବେକ୍ଷଣ କରାଯାଉଥିଲେ, ଏହା ପରବର୍ତ୍ତୀ ଅବସ୍ଥାରେ ଉଦ୍ଭିଦଟିର ସଠିକ୍ ଋତୁରେ ସଂଗ୍ରହକୁ ସାହାଯ୍ୟ କରିପାରେ। ଅମଳ ବା ଅମଳ ପରବର୍ତ୍ତୀ ଅବସ୍ଥାରେ ଔଷଧୀୟ ପଦାର୍ଥର ପରିଚାଳନା ସମ୍ବନ୍ଧରେ ନିମ୍ନଲିଖିତ ତଥ୍ୟଗୁଡ଼ିକ ଲିପିବଦ୍ଧ ହୋଇ ରହିବା ଆବଶ୍ୟକ।

**୭.୧.** ସମସ୍ତ ଦରକାରୀ ବିବରଣୀ, ଯଥା – ବୃକ୍ଷର ପ୍ରଜାତି, କେଉଁ ଅଂଚଳରୁ ସଂଗୃହିତ, ସଂଗ୍ରହର ସମୟ ଏବଂ ଏହା ପ୍ରତି ଥିବା ବିଭିନ୍ନ କଟକଣା ସମ୍ବନ୍ଧୀୟ ତଥ୍ୟଗୁଡ଼ିକ ନିଶ୍ଚିତ ଭାବରେ ଲିପିବଦ୍ଧ ହେବା ଆବଶ୍ୟକ। ବେପାର ହେଉଥିବା ସମସ୍ତ ଔଷଧୀୟ ପଦାର୍ଥ ସହିତ ଗୋଟିଏ ସୂଚନା ପତ୍ର ରହିବା ଆବଶ୍ୟକ ଯେଉଁଥିରେ ଔଷଧୀୟ ପଦାର୍ଥର ପରିଚୟ, ଇତିହାସ, ପ୍ରାକୃତିକ ପରିବେଶ, ସଂଗ୍ରହ ସମୟ ଏବଂ ବର୍ଗ ସଂପର୍କରେ ସୂଚନା ଥିବ। ଏହି ସୂଚନା ପତ୍ରର ଏକ ଆଭାସ ଚିତ୍ର **ପରିଶିଷ୍ଟ-୩** ରେ ପ୍ରଦାନ କରାଯାଇଛି ଯାହାକୁ ସଂଗ୍ରାହକମାନେ ବ୍ୟବହାର କରିପାରିବେ। ଏହାକୁ ମଧ୍ୟ ସ୍ଥଳବିଶେଷରେ  ଉଦ୍ଭିଦ ପ୍ରଜାତି ଅନୁସାରେ ସଂଶୋଧିତ ବା ରୂପାନ୍ତରିତ କରାଯାଇପାରିବ। ପଦାର୍ଥଟି ଗୋଟିଏ ଆର୍ଯୁର୍ବେଦୀୟ, ସିଦ୍ଧ ବା ୟୁନାନି ପଦାର୍ଥରେ ବା ଔଷଧି ରୂପରେ ପରିବର୍ତ୍ତନ ନହେବା ପର୍ଯ୍ୟନ୍ତ, ଏହି ପ୍ରାଥମିକ ସୂଚନା ପତ୍ରଟି ସମସ୍ତ କ୍ରୟକର୍ତ୍ତାଙ୍କ ପାଖରେ ଉପଲବ୍ଧ ହେବା ଆବଶ୍ୟକ।

**୭.୨.** ଔଷଧୀୟ ପଦାର୍ଥର ସଂଗ୍ରହ ସମୟରେ ଉଦ୍ଭିଦଟିର ଶାରୀରିକ ଅବସ୍ଥା।

**୭.୩.** ସମସ୍ତ ପଦ୍ଧତି ବା କାର୍ଯ୍ୟକ୍ରମ ଯାହାକି ଔଷଧୀୟ ପଦାର୍ଥର ଗୁଣବତ୍ତାକୁ ପ୍ରଭାବିତ କରିଥାଏ। ଏପରି ଏକ ବିଶେଷ ପରିବେଶ ବା ଘଟଣା ଯାହାକି ଔଷଧୀୟ ପଦାର୍ଥର ଶକ୍ତିକୁ ପ୍ରଭାବିତ କରିଥାଏ, ଯଥା – ଅମଳ ସମୟରେ ମରୁଡ଼ି ଭଳି ଅତିଶୟ ଅବସ୍ଥା।

**୭.୪.** ସଂଗ୍ରାହକ (ଗ୍ରାମ, ପଂଚାୟତ ବା ସମବାୟ ସମିତି ଇତ୍ୟାଦି)ମାନଙ୍କ ସହିତ ବ୍ୟବସାୟୀ ଓ ଉତ୍ପାଦନକାରୀମାନଙ୍କର ହେଉଥିବା ସମସ୍ତ ଚୁକ୍ତିନାମା।

**୭.୫.** ଯଦି କୃତ୍ରିମ ଉପାୟରେ ଶୁଷ୍କକରଣ କରାଯାଉଥାଏ, ଶୁଷ୍କକରଣର ଅବସ୍ଥା ଏବଂ ତାପମାନର ପରିସର।

**୭.୬.** ଯେଉଁଠାରେ ସଂଗ୍ରାହକମାନେ ଔଷଧୀୟ ପଦାର୍ଥର ଅମଳ, ପ୍ରକ୍ରିୟାକରଣ ଓ ସଂରକ୍ଷଣ ପାଇଁ ଅନୁମତି ନେଇଛନ୍ତି, ସେଗୁଡ଼ିକର ସମସ୍ତ ବିବରଣୀ ଲିପିବଦ୍ଧ ହେବା ଆବଶ୍ୟକ। ସମସ୍ତ ଅନୁମତି ପତ୍ର ବା ପରିମିଟ୍‌ଗୁଡ଼ିକୁ ଯତ୍ନ ସହକାରେ ସାଇତି ରଖିବା ଉଚିତ୍ ଏବଂ ଏହା ପ୍ରତ୍ୟେକ ସମୟରେ ଯାଂଚ ପାଇଁ ଉପଲବ୍ଧ ହେବା ଆବଶ୍ୟକ। ଏହି ଯାଂଚ ନିରୀକ୍ଷକ, ବ୍ୟବସାୟୀ ବା ପ୍ରସ୍ତୁତକର୍ତ୍ତାଙ୍କ ଦ୍ୱାରା ହୋଇପାରେ। ଏହି ପରିମିଟ୍‌ର ଏକକିତା ନକଲ ଔଷଧୀୟ ପଦାର୍ଥର ବ୍ୟବସାୟଠାରୁ ଆରମ୍ଭକରି ବ୍ୟବହାରକାରୀ ପର୍ଯ୍ୟନ୍ତ ପହଂଚିବା ଉଚିତ୍।

# ୮. ପ୍ରଶିକ୍ଷଣ ଓ ସଂଚାଳନ

**୮.୧. ପ୍ରଶିକ୍ଷଣ ଓ ଦକ୍ଷତା ବୃଦ୍ଧି :** ପରିବେଶ ଉପରେ କୁପ୍ରଭାବ ନପକାଇ ଉତ୍ତମମାନର ଔଷଧୀୟ ପଦାର୍ଥ ସଂଗ୍ରହ କରିବା ବିଷୟରେ ସଂଗ୍ରାହକମାନଙ୍କୁ ପ୍ରଶିକ୍ଷଣ ଦେବା ଉଚିତ୍। ସଂଗ୍ରହକାରୀମାନଙ୍କୁ ଏହି ପୁସ୍ତିକାରେ ଲିପିବଦ୍ଧ ହୋଇଥିବା ସମସ୍ତ ସୁପାରିଶ୍‌ଗୁଡ଼ିକ ବିଷୟରେ ଅବଗତ କରିବା ନିମନ୍ତେ ପଦକ୍ଷେପ ନେବା ମଧ୍ୟ ଆବଶ୍ୟକ।

ସଂଗ୍ରାହକମାନଙ୍କୁ ବେଶୀ ପରିମାଣରେ ଉଦ୍ଭିଦ ବିଜ୍ଞାନ ସମ୍ବନ୍ଧୀୟ ପ୍ରଶିକ୍ଷଣ ଦେବା ଆବଶ୍ୟକ ଯେପରି ସେମାନେ ପ୍ରତ୍ୟେକ ଉଦ୍ଭିଦର ପ୍ରଜାତି ଏବଂ ସେଥିରୁ ଉତ୍ପାଦିତ ହେଉଥିବା ପଦାର୍ଥ, ଶାରୀରିକ ଅଭିବୃଦ୍ଧି, ଆଭ୍ୟନ୍ତରିଣ କଠିନ ଅଙ୍ଗ ଓ ବାହ୍ୟ କୋମଳ ଅଂଗ ସମ୍ବନ୍ଧରେ ବିସ୍ତୃତ ଜ୍ଞାନ ପାଇପାରିବେ ଏବଂ ତତ୍‌ସହିତ, ଉଦ୍ଭିଦଟିର ପ୍ରାକୃତିକ ପରିବେଶରେ ସଂଘଟିତ ହେଉଥିବା କିଛି ଜୈବିକ ଅବସ୍ଥା ଯଥା, ପରାଗସଙ୍ଗମ, ଅଙ୍କୁରୋଦଗମ, ପ୍ରଭୃତି ବିଷୟରେ ଜାଣିପାରିବେ। ସଂଗ୍ରାହକମାନେ ମଧ ପ୍ରକୃତିରେ ମିଳୁଥିବା ଆକୃତିରେ ସମାନ କିନ୍ତୁ ଉଦ୍ଭିଦ ବିଜ୍ଞାନ ଅନୁସାରେ ପୃଥକ୍ ବିଭିନ୍ନ ପ୍ରଜାତିର ଉଦ୍ଭିଦକୁ ଚିହ୍ନଟ କରିବାରେ ସକ୍ଷମ ହେବା ଆବଶ୍ୟକ, ଯେପରି ଭୁଲରେ ଗୋଟିକ ଜାଗାରେ ଅନ୍ୟଟିକୁ ସଂଗ୍ରହ ନକରନ୍ତି।

ସଂଗ୍ରାହକ ଓ ସଂଗ୍ରହ ପରିଚାଳକମାନେ ମଧ ସଂଗ୍ରହ ପାଇଁ ଥିବା ସମସ୍ତ କଟକଣା ଯଥା କେଉଁ ଜାଗାରୁ, କେଉଁ ସମୟରେ ଏବଂ କେଉଁ ପଦ୍ଧତିରେ ସଂଗ୍ରହ କରାଯିବ, ସେ ବିଷୟରେ ସବିଶେଷ ତାଲିମ୍ ପାଇବା ଆବଶ୍ୟକ। ସଂଗ୍ରାହକମାନେ ମଧ ଔଷଧୀୟ ପଦାର୍ଥର ସଂଗ୍ରହ ସମୟରେ ଉଦ୍ଭିଦର ପରିବେଶ ଓ ଆବାସସ୍ଥଳୀ ସହିତ ଜଡ଼ିତ ପ୍ରତିକୂଳ ପ୍ରଭାବ ବିଷୟରେ ତାଲିମ୍ ନେବା ଆବଶ୍ୟକ। ସେମାନେ ମଧ ପରିବେଶ ସଂରକ୍ଷଣ ଓ ଔଷଧୀୟ ଉଦ୍ଭିଦର ସଂରକ୍ଷଣ ସମ୍ବନ୍ଧୀୟ ସମସ୍ତ ବିଷୟ ପ୍ରତି ସଚେତନ ହେବା ଭଳି ତାଲିମ୍ ପାଇବା ଆବଶ୍ୟକ।

ଏହି ପୁସ୍ତିକାର **ପରିଶିଷ୍ଟ -୪** ରେ ଥିବା ସାରଣୀରେ ବିଭିନ୍ନ ଔଷଧୀୟ ବୃକ୍ଷକୁ ବିଭିନ୍ନ ଋତୁରେ ସଂଗ୍ରହ ସଂବନ୍ଧରେ ତଥ୍ୟ ପ୍ରଦାନ କରାଯାଇଛି। ଅବଶ୍ୟ ଏହି ସଂଗ୍ରହ ଋତୁ ଆଂଚଳିକ ପାଣି ପାଗ ଅନୁସାରେ ବଦଳି ପାରେ। ତେଣୁ, ପ୍ରକୃତ ସଂଗ୍ରହ ଋତୁ ସେହି ଅଂଚଳରେ ଥିବା ବନବିଭାଗ, ଉଦ୍ୟୋଗ ବା ବ୍ୟବସାୟ ସହ ଜଡ଼ିତ ଅଧିକାରୀ ବା ଅନୁଷ୍ଠାନମାନଙ୍କ ସହ ପରାମର୍ଶ କରି ନିର୍ଦ୍ଧାରଣ କରାଯିବା ଉଚିତ୍।

ସଂଗ୍ରାହକମାନେ ସଂଗ୍ରହ କରୁଥିବା ସ୍ଥାନରେ ନିଜର ଶାରୀରିକ ସୁସ୍ଥତା ସହିତ ନିଜର ନିରାପତ୍ତା ପ୍ରତି ଅଧିକ ସଚେତନ ରହିବା ଆବଶ୍ୟକ।

**୮.୨. ପ୍ରାରମ୍ଭିକ ଆକଳନ ଓ ସଂଚାଳନ :** ଆବଶ୍ୟକତା ଓ ଯୋଗାଣ ମଧ୍ୟରେ ଥିବା ତାରତମ୍ୟ ହିଁ ଅବାଞ୍ଛିତ ଅମଳ ଓ ଗୁଣବତ୍ତା ହ୍ରାସର ପ୍ରାଥମିକ କାରଣ। ତେଣୁ ଗାଣିତିକ ପ୍ରଣାଳୀରେ ବା କମ୍ପ୍ୟୁଟର ଯନ୍ତ୍ରପାତି ଯୋଗେ ପ୍ରକୃତିରୁ ମିଳୁଥିବା ଔଷଧୀୟ ପଦାର୍ଥର ପରିମାଣର ପ୍ରାରମ୍ଭିକ ଆକଳନ ହେବା ଆବଶ୍ୟକ। କିଛି ପ୍ରଜାତି ଅଛନ୍ତି ଯେଉଁଗୁଡ଼ିକ ଖୁବ୍ କମ ଦିନରେ ଉଜୁଡ଼ି ଯିବାର ଭୟ ଥାଏ। ଅତି କମ୍‌ରେ ସେହିଭଳି ପ୍ରତ୍ୟେକ ପ୍ରଜାତି କିପରି ବାରମ୍ବାର ଅମଳ ହୋଇପାରିବ, ତାହାର ଆକଳନ କରାଯିବା ଆବଶ୍ୟକ। ଏଭଳି ପ୍ରାରମ୍ଭିକ ତଥ୍ୟାବଳି ପ୍ରସ୍ତୁତ ହୋଇଗଲେ, ଏହାକୁ ଯୋଜନାବଦ୍ଧ ପରିଚାଳନାର ଏକ ଧରାବନ୍ଧା ଅଂଗ ରୂପେ ଧାରାବାହିକ ଭାବେ ସଂଚାଳନ କରାଯାଇପାରିବ। ଯେଉଁ ସ୍ଥଳରେ ବାରମ୍ବାର ଅମଳ କରିବାର ସ୍ତର ନିର୍ଦ୍ଧାରଣ କରାଯାଇପାରେନି, ସେଠାରେ ଯୋଗାଣ (ଯଥା - ଆହରଣର ଏକ ନିର୍ଦ୍ଦିଷ୍ଟ ପରିମାଣ) ଅବା ଉଭୟ ଆବଶ୍ୟକତା ଓ ଯୋଗାଣକୁ (ଆବଶ୍ୟକତା ଅନୁଯାୟୀ ଗୋଟିଏ ଅଂଚଳରୁ ମିଳୁଥିବା ପଦାର୍ଥ ଯୋଗାଇ ହେବ କି ନାହିଁ) ଦୃଷ୍ଟିରେ ରଖି କାର୍ଯ୍ୟ କରାଯାଇପାରେ। ♣♣♣

## ପରିଶିଷ୍ଟ - ୧

## ଔଷଧୀୟ ପଦାର୍ଥ ପାଇଁ ଅନୁମୋଦିତ ପୁଟୁଳି

| କ୍ର.ନ. | ପଦାର୍ଥର ନାମ/ବିବରଣୀ | ପୁଟୁଳିକରଣର ବିକଳ୍ପ |
|---|---|---|
| ୧ | କାଷ୍ଠ ଜାତୀୟ - ଚେର, କାଣ୍ଡ, କାଷ୍ଠ ଏବଂ କାଷ୍ଠପରି ଟାଣ ବକଳ ପ୍ରଭୃତି | ୧-ଅଖା ୨-ଝୋଟ ବ୍ୟାଗ ୩-ସିଲେଇ ମୁଣା |
| ୨ | ବର୍ଷିକିଆ ଛୋଟ ଗଛ, ଲତା, ପତ୍ର ଇତ୍ୟାଦି | ୧-ଅଳ୍ପ ଘନତ୍ୱରେ ଲାଇନ୍‌ର ଥିବା ସିଲେଇ ମୁଣି<br>୨-ଝୋଟ ବ୍ୟାଗ (ମୁଣି) |
| ୩ | ମାଂସଳ ପଦାର୍ଥ - ମାଂସଳ କନ୍ଦା (ଶତାବରି), ଫଳର ବାହାର ଅଂଶ, ଫୁଲର ମାଂସଳ ଅଂଶ (ମହୁଲ), ଫଳ (ଅଁଳା) | ୧-ବେଶୀ ଘନତ୍ୱଥିବା ପ୍ଲାଷ୍ଟିକ୍‌ର ଆସ୍ତରଥାଇ ସିଲାଇ ଝୋଟମୁଣି<br>୨-ବେଶୀ ଘନତ୍ୱ ଥିବା ପ୍ଲାଷ୍ଟିକ୍ ଆସ୍ତରଥାଇ ସିଲାଇ ମୁଣି |
| ୪ | ନରମ ଫୁଲ ବା ଫୁଲର ବିଭିନ୍ନ ସୂକ୍ଷ୍ମ ଅଂଶ, ଯଥା-ପରାଗ ରେଣୁ ଫୁଲର ଅଗ୍ରଭାଗ, ପାଖୁଡ଼ା ଇତ୍ୟାଦି | ୧-ପ୍ଲାଷ୍ଟିକ ଆସ୍ତରଥିବା ଦନ୍ତୁରିତ ବାକ୍ସ<br>୨-ସିଲାଇ ମୁଣା ସହିତ ମୋଟା କାଗଜ ବାକ୍ସ |
| ୫ | ଅଠା ଓ ଝୁଣା | ୧-ପବନ ନିରୋଧୀ ପ୍ଲାଷ୍ଟିକ୍ ଡ୍ରମ<br>୨-ପ୍ଲାଷ୍ଟିକ ଆସ୍ତରଥାଇ ଦନ୍ତୁରିତ ବାକ୍ସ |
| ୬ | ସୁଗନ୍ଧିତ ଉଦ୍ଭିଦ ପଦାର୍ଥ | ୧-ଅଧିକ ଘନତ୍ୱର ପ୍ଲାଷ୍ଟିକ ଆସ୍ତରଥାଇ ପବନ ନିରୋଧୀ ପାତ୍ର (HDPE)<br>୨-ପ୍ଲାଷ୍ଟିକ ଆସ୍ତରଥାଇ କାଠତନ୍ତୁ ପଟାର ଡ୍ରମ। |

**ପରିଶିଷ୍ଟ - ୨**

## ଔଷଧୀୟ ପଦାର୍ଥର ଧାରକ ଉପର ସୂଚନାପତ୍ରର ନମୁନା

ଔଷଧୀୟ ପଦାର୍ଥର ଧାରକ ଉପରେ ନିମ୍ନଲିଖିତ ସୂଚନା ରହିବା ଆବଶ୍ୟକ :-

୧) ଔଷଧୀୟ ପଦାର୍ଥର ନାମ :

୨) ଯଦି କିଛି ବର୍ଗ ଥାଏ :

୩) ପରିମାଣ :

୪) ସଂଗ୍ରାହକଠାରୁ ଗ୍ରହଣ କରାଯାଇଥିବା ତାରିଖ :

୫) ସୁରକ୍ଷିତ ସମୟ ବା କେଉଁ ତାରିଖ ପୂର୍ବରୁ ବ୍ୟବହାର ସର୍ବୋତ୍ତମ :

୬) କେଉଁଠାରୁ ସଂଗୃହିତ ହୋଇଥିଲା :

୭) ଗୁଣବତ୍ତା ପରୀକ୍ଷାର ବିବରଣୀ, ଯଥା- ଅନୁମୋଦିତ / ବର୍ଜିତ / ବିବରଣୀ ସଂରକ୍ଷିତ :

୮) ଗୁଣବତ୍ତା ପରୀକ୍ଷା ହୋଇଥିବା ପତ୍ର ସଂଖ୍ୟା ଓ ତାରିଖ :

**ଗୋଦାମ ପରିଚାଳକଙ୍କ ସ୍ୱାକ୍ଷର** **ତାରିଖ**

## ପରିଶିଷ୍ଟ - ୩

## ଔଷଧୀୟ ଉଦ୍ଭିଦ ପଦାର୍ଥର ସବିଶେଷ ସୂଚନା ପତ୍ର

୧) ଔଷଧୀୟ ପଦାର୍ଥର ନାମ ଓ ବର୍ଗ (ଯଦି ଥାଏ) :

୨) ଔଷଧୀୟ ଉଦ୍ଭିଦର ଜନ୍ମସ୍ଥଳୀ :

୩) କେଉଁ ଅଙ୍ଗ କାମରେ ଲାଗେ :

୪) ଅମଳ କରାଯାଇଥିବା ପଦାର୍ଥ ପରିମାଣ (ଶୁଷ୍କ ପଦାର୍ଥ) :

୫) କାହାଦ୍ୱାରା ସଂଗ୍ରହ କରାଗଲା :

୬) ଔଷଧୀୟ ପଦାର୍ଥକୁ କିପରି ଶୁଷ୍କ କରାଗଲା :

୭) କେଉଁଠାରୁ ସଂଗ୍ରହ କରାଗଲା, ଅଂଚଳ / ଜଙ୍ଗଲ / ସର୍ବସାଧାରଣ ଜାଗା / ଗ୍ରାମ, ତାଲୁକ, ଜିଲ୍ଲା ଏବଂ ପ୍ରଦେଶ ସହିତ :

୮) ବର୍ଷର କେଉଁ ସମୟରେ ସଂଗୃହିତ ହେଲା :

୯) ପୁଟୁଳିକରଣ ସମୟରେ ଆଦ୍ରତା ପରିମାଣ :

୧୦) ଏହି ପ୍ରଜାତିକୁ ପ୍ରାକୃତିକ ପରିବେଶରୁ ସଂଗ୍ରହ ପାଇଁ ଅଗ୍ରିମ ଅନୁମତି ଆବଶ୍ୟକ କି :

୧୧) ଅନୁମତି ଦେଇଥିବା ଅଧିକାରୀଙ୍କ ନାମ / ଠିକଣା:

୧୨) ସଂଗ୍ରହ ସମୟରେ ଉଦ୍ଭିଦଟିର ଶାରୀରିକ ସଂରଚନା କିପରି ଥିଲା:

୧୩) ଔଷଧୀୟ ପଦାର୍ଥ ସମ୍ବନ୍ଧରେ ଅନ୍ୟାନ୍ୟ ତଥ୍ୟ :

## ପରିଶିଷ୍ଟ - ୪
## କେତେକ ନିର୍ବାଚିତ ଔଷଧୀୟ ଉଦ୍ଭିଦର ଅମଳ ସମୟ

| ବୃକ୍ଷର ନାମ | ସ୍ଥାନୀୟ ନାମ | ବ୍ୟବହୃତ ଅଂଶ | ସଂଗ୍ରହ ସମୟ |
|---|---|---|---|
| *Abies webbiana* | ତାଲିସି ପତ୍ର | ପତ୍ର | ମେ ରୁ ଅକ୍ଟୋବର |
| *Acacia chundra* | ଖଇର | କାଷ୍ଠ | ନଭେମ୍ବର ରୁ ଜାନୁଆରୀ |
| *Acacia nilotica* | ବବୁଲ୍ | ଛାଲି | ଅଗଷ୍ଟ ରୁ ଅକ୍ଟୋବର |
| *Achyranthes aspera* | ଅପମାରଙ୍ଗ | ସମ୍ପୂର୍ଣ୍ଣ ଗଛ | ଫେବୃୟାରୀ ରୁ ଅପ୍ରେଲ |
| *Aconitum ferox* | ଅତାଭିସା | କନ୍ଦ | ଅଗଷ୍ଟ ରୁ ଅକ୍ଟୋବର |
| *Aconitum heterophyllum* | ଅତସି | କନ୍ଦ | ଅଗଷ୍ଟ ରୁ ଅକ୍ଟୋବର |
| *Acorus calamus* | ବଚ | କନ୍ଦ | ମେ ରୁ ଜୁଲାଇ |
| *Adhatoda vasica* | ବାସଙ୍ଗ | ପତ୍ର | ଫେବୃଆରୀ ରୁ ଅପ୍ରେଲ |
| *Aegle marmelos* | ବେଲ | ଫଳ / ଛାଲ | ମେ ରୁ ଜୁଲାଇ / ଫେବୃଆରୀରୁ ଅପ୍ରେଲ |
| *Alpinia galanga* | କୁଳିଞ୍ଜନା | କନ୍ଦ | ଅଗଷ୍ଟ ରୁ ଅକ୍ଟୋବର |
| *Alstonia scholaris* | ସପ୍ତପର୍ଣ୍ଣି | ଛାଲି | ମେ ରୁ ଜୁଲାଇ |
| *Andrographis paniculata* | କାଳମେଘ/ ଭୂଇଁନିମ୍ବ | ବାୟବୀୟ ଅଂଶ | ଫେବୃଆରୀରୁ ଅପ୍ରେଲ/ନଭେମ୍ବରରୁ ଜାନୁଆରୀ |
| *Aquilaria agallocha* | ଅଗରୁ | କାଣ୍ଡ | ମେ ରୁ ଜୁଲାଇ |
| *Argyreia speciosa* | ବିଧରା | ଚେର | ମେ ରୁ ଜୁଲାଇ |
| *Asparagus adscendens* | ସଫେଦ ମୁସୁଳି | ଚେର | ଅଗଷ୍ଟ ରୁ ଅକ୍ଟୋବର |
| *Asparagus racemosus* | ସତାବରି | ଚେର | ଅଗଷ୍ଟ ରୁ ଅକ୍ଟୋବର |
| *Azadirachta indica* | ନିମ୍ବ | ପତ୍ର<br>ଛାଲି | ମେ ରୁ ଜୁଲାଇ (ପତ୍ର)<br>ନଭେମ୍ବର ରୁ ଜାନୁଆରୀ (ଛାଲି) |
| *Barringtonia acutangula* | ହିଂଜଳା | ମଞ୍ଜି | ଅଗଷ୍ଟ ରୁ ଅକ୍ଟୋବର |
| *Berberis aristata* | ଦାରୁହଳଦି | ଚେର, କାଣ୍ଡ | ଅଗଷ୍ଟ ରୁ ଅକ୍ଟୋବର |
| *Blepharis edulis* | ଉତିଗଣ ବିଜ | ମଞ୍ଜି | ଫେବୃୟାରୀ ରୁ ଜୁଲାଇ |
| *Boerhavia diffusa* | ପୁନର୍ନଭା | ବାୟବୀୟ ଅଂଶ, ଚେର | ମେ ରୁ ଅକ୍ଟୋବର |
| *Boswellia serrata* | ସାଳଇ | ଅଠା ଓ ଝୁଣା | ଫେବୃଆରୀରୁ ଅପ୍ରେଲ/ନଭେମ୍ବରରୁ ଜାନୁଆରୀ |
| *Butea monosperma* | ପଳାଶ | ମଞ୍ଜି | ଫେବୃଆରୀ ରୁ ଅପ୍ରେଲ |
| *Calotropis procera* | ଅରଖ | ପତ୍ର | ଫେବୃଆରୀ ରୁ ଅପ୍ରେଲ |
| *Calotropis gigantea* | ଅରଖ | ପତ୍ର | ଫେବୃଆରୀ ରୁ ଅପ୍ରେଲ |
| *Carthamus tinctorius* | କୁସୁମ ଫୁଲ | ଫୁଲର ଅଂଶ ବିଶେଷ | ଫେବୃଆରୀ ରୁ ଅପ୍ରେଲ |
| *Cassia angustifolia* | ସେନା | ପତ୍ର / ବୀଜକୋଷ | ଫେବୃଆରୀରୁ ଅପ୍ରେଲ/ଅଗଷ୍ଟରୁ ଅକ୍ଟୋବର |
| *Cassia fistula* | ସୁନାରୀ | ଫଳ | ମେ ରୁ ଜୁଲାଇ |
| *Cedrus deodara* | ଦେବଦାରୁ | କାଷ୍ଠ | ମେ ରୁ ଅକ୍ଟୋବର |
| *Celastrus paniculata* | ଲାଇବେହେଡ଼ା | ମଞ୍ଜି | ମେ ରୁ ଜୁଲାଇ |
| *Centella asiatica* | ଥାଲକୁଡ଼ି | ପତ୍ର | ଅଗଷ୍ଟ ରୁ ଅକ୍ଟୋବର |
| *Cichorium intybus* | କାସନି | ଚେର<br>ମଞ୍ଜି | ନଭେମ୍ବର ରୁ ଅପ୍ରେଲ<br>ନଭେମ୍ବର ରୁ ଜାନୁଆରୀ |

*ବି.ଦ୍ର:* ଆଂଚଳିକ ପାଗ ଅନୁଯାୟୀ ଅମଳ ସମୟ ବଦଳିପାରେ ।

ଉତ୍ସ : ଡାବର ରିସର୍ଚ୍ଚ ଫାଉଣ୍ଡେସନ ଆଣ୍ଡ ଟ୍ରାଫିକ (TRAFFIC) ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ଆୟୁର୍ବେଦୀୟ ଔଷଧୀୟ ଉଦ୍ଭିଦର ଅମଳ ଓ ପ୍ରକ୍ରିୟାକରଣର ସାଧାରଣ ମାର୍ଗଦର୍ଶିକା

| | | | |
|---|---|---|---|
| *Cinnamomum tamala* | ତେଜପତ୍ର | ପତ୍ର | ଫେବୃଆରୀରୁ ଅପ୍ରେଲ/ନଭେମ୍ବରରୁ ଜାନୁଆରୀ |
| *Cinnamomum verum* | ଡାଲଚିନି | ଛାଲି | ମେ ରୁ ଅକ୍ଟୋବର |
| *Ciccus quadrangularis* | ହାଡ଼ଜୋଡ଼ା | କାଣ୍ଡ | ଅଗଷ୍ଟ ରୁ ଅକ୍ଟୋବର |
| *Clerodendrum serratum* | ବ୍ରହ୍ମଯଷ୍ଟି | ଛାଲି | ଅଗଷ୍ଟ ରୁ ଅକ୍ଟୋବର |
| *Commiphora wightii* | ଗୁଗୁଳ | ଅଠା- ଝୁଣା | ନଭେମ୍ବର ରୁ ଜାନୁଆରୀ |
| *Crataeva nurvala* | ବରୁଣ | ଛାଲି | ଅଗଷ୍ଟ ରୁ ଜାନୁଆରୀ |
| *Crocus sativus* | କେଶର | ପୁଂ-କେଶର | ନଭେମ୍ବର ରୁ ଜାନୁଆରୀ |
| *Curculigo orchioides* | କାଳି ମୁସଳି | କନ୍ଦ | ଫେବୃଆରୀ ରୁ ଜୁଲାଇ |
| *Cyperus rotundus* | ମୁଥ | କନ୍ଦ | ଅଗଷ୍ଟ ରୁ ଅକ୍ଟୋବର |
| *Desmodium gangeticum* | ଶାଳପର୍ଣ୍ଣି | ବାୟବୀୟ ଅଂଶ | ଅଗଷ୍ଟ ରୁ ଅକ୍ଟୋବର |
| *Dioscorea bulbifera* | ବରାହକନ୍ଦ | କାଣ୍ଡନଳ | ମେ ରୁ ଜୁଲାଇ |
| *Eclipta prostrata* | ଭୃଙ୍ଗରାଜ | ସମ୍ପୂର୍ଣ୍ଣ ଗଛ | ମେ ରୁ ଜୁଲାଇ |
| *Embelia ribes* | ଭିଡ଼ଙ୍ଗ | ଫଳ | ନଭେମ୍ବର ରୁ ଜାନୁଆରୀ |
| *Ferula asafoetida* | ହେଙ୍ଗୁ | ଅଠା - ଝୁଣା | ଫେବୃୟାରୀ ରୁ ଜୁଲାଇ |
| *Ficus benghalensis* | ବର | ଛାଲି | ଅଗଷ୍ଟ ରୁ ଜାନୁଆରୀ |
| *Ficus carica* | ଅଂଜିର/ଚାର | ଫଳ | ମେ ରୁ ଜୁଲାଇ |
| *Ficus racemosa* | ଡିମିରି | ଛାଲି | ଅଗଷ୍ଟ ରୁ ଜାନୁଆରୀ |
| *Ficus religiosa* | ପିପ୍ପଳ (ଅଶ୍ୱସ୍ତ) | ଛାଲି | ଅଗଷ୍ଟ ରୁ ଜାନୁଆରୀ |
| *Gmelina arborea* | ଗମ୍ଭାରି | ଛାଲି | ଅଗଷ୍ଟରୁ ଜାନୁଆରୀ |
| *Gymnema sylvestre* | ଗୁଡ଼ମାରି | ପତ୍ର | ଅଗଷ୍ଟ ରୁ ଅକ୍ଟୋବର |
| *Hedychium spicatum* | ଶୁଣ୍ଠି | କନ୍ଦ | ଫେବୃଆରୀ ରୁ ଅପ୍ରେଲ |
| *Hemidesmus indicus* | ଅନନ୍ତମୂଳ | ଚେର | ଫେବୃଆରୀ ରୁ ଅପ୍ରେଲ |
| *Holarrhena antidysenterica* | କୁରେଇ | ଛାଲି<br>ମଞ୍ଜି | ନଭେମ୍ବର ରୁ ଜାନୁଆରୀ<br>ଫେବୃଆରୀ ରୁ ଅପ୍ରେଲ |
| *Hyoscamus niger* | ଖୁର୍ସାନୀ/ଅଜୱାନୀ | ମଞ୍ଜି | ମେ ରୁ ଜୁଲାଇ |
| *Inula racemosa* | ପୁଷ୍କର ମୂଳ | ଚେର | ଅଗଷ୍ଟ ରୁ ଅକ୍ଟୋବର |
| *Ipomoea digitata* | ବିଦାରି କନ୍ଦ | କାଣ୍ଡନଳ | ଅଗଷ୍ଟ ରୁ ଜାନୁଆରୀ |
| *Madhuca indica* | ମହୁଆ (ମହୁଲ) | ଫୁଲ | ଫେବୃଆରୀ ରୁ ଅପ୍ରେଲ |
| *Martynia diandra* | ବାଘନଖୀ | ଫଳ | ଅଗଷ୍ଟ ରୁ ଅକ୍ଟୋବର |
| *Mesua ferrea* | ନାଗେଶ୍ୱର | ପୁଂ-କେଶର | ଫେବୃଆରୀ ରୁ ଅପ୍ରେଲ |
| *Mimosa pudica* | ଲାଜକୁଳିଲତା | ସମ୍ପୂର୍ଣ୍ଣ ଗଛ | ଫେବୃଆରୀ ରୁ ଅପ୍ରେଲ |
| *Mimusops elengi* | ବକୁଳ | ଛାଲି | ଅଗଷ୍ଟ ରୁ ଅକ୍ଟୋବର |
| *Morinda oleifera* | ସଜନା | ଫଳ | ଫେବୃଆରୀ ରୁ ଅପ୍ରେଲ |
| *Mucuna pruriens* | ବାଇଡ଼ଙ୍କ | ମଞ୍ଜି | ଫେବୃଆରୀ ରୁ ଅପ୍ରେଲ |
| *Myrica esculenta* | କାଇଫଳ | ଛାଲି | ମେ ରୁ ଅକ୍ଟୋବର |
| *Myristica fragrans* | ଜାଇଫଳ | ଫଳ | ମେ ରୁ ଅକ୍ଟୋବର |
| *Nardostachys jatamansi* | ଜାଟମନସି | କନ୍ଦ | ନଭେମ୍ବର ରୁ ଜାନୁଆରୀ |
| *Operculina turpethum* | ତିହୁଡ଼ି | ଚେର | ଅଗଷ୍ଟ ରୁ ଅକ୍ଟୋବାର |
| *Oroxylum indicum* | ଫଣଫଣା | ଛାଲି | ନଭେମ୍ବର ରୁ ଜାନୁଆରୀ |
| *Parnelia perlata* | ଚାରିଳ | ଶୁଖିଲା ଅଂଶ | ମେ ରୁ ଅକ୍ଟୋବର |
| *Phyllanthus emblica* | ଅଁଳା | ଫଳ / ମଞ୍ଜି | ନଭେମ୍ବର ରୁ ଜାନୁଆରୀ |
| *Picrorhiza kurroa* | କୁଟକି | କନ୍ଦ | ଅଗଷ୍ଟ ରୁ ଅକ୍ଟୋବାର |

| | | | |
|---|---|---|---|
| *Piper longum* | ପିପ୍ପଳି | ଫଳ | ଫେବୃଆରୀ ରୁ ଅପ୍ରେଲ |
| *Plumbago indica* | ଅଗ୍ନି | ଚେର | ଫେବୃଆରୀରୁ ଅପ୍ରେଲ/ନଭେମ୍ବରରୁ ଅପ୍ରେଲ |
| *Plantago ovata* | ଇସବଗୋଲ | ମଞ୍ଜି | ଫେବୃଆରୀ ରୁ ଅପ୍ରେଲ |
| *Podophyllum hexandrum* | କଇଁଚି କାକୁଡ଼ି | କନ୍ଦ | ମେ ରୁ ଜୁଲାଇ |
| *Premna integrifolia* | ଗନ୍ଧଣା | କାଣ୍ଡ | ଅଗଷ୍ଟ ରୁ ଜାନୁଆରୀ |
| *Psoralea corylifolia* | ବାକୁଚି / ସୋମରାଜ | ମଞ୍ଜି | ନଭେମ୍ବର ରୁ ଜାନୁଆରୀ |
| *Pterocarpus marsupium* | ପିଆଶାଳ | ମଞ୍ଜି କାଠ | ଅଗଷ୍ଟ ରୁ ଅକ୍ଟୋବର |
| *Pterocarpus santalinus* | ରକ୍ତ ଚନ୍ଦନ | ମଞ୍ଜି କାଠ | ନଭେମ୍ବର ରୁ ଅପ୍ରେଲ |
| *Rauvolfia serpentina* | ସର୍ପଗନ୍ଧା / ପାତାଳଗରୁଡ଼ | ଚେର | ମେ ରୁ ଅକ୍ଟୋବର |
| *Rheum australe* | ରେବନ୍ତ ଚିନି | ଚେର | ଅଗଷ୍ଟ ରୁ ଅକ୍ଟୋବର |
| *Rubia cordifolia* | ମଂଜିଷ୍ଠା | କାଣ୍ଡ | ଅଗଷ୍ଟ ରୁ ଜାନୁଆରୀ |
| *Santalum album* | ଚନ୍ଦନ | କାଷ୍ଠ | ଅଗଷ୍ଟ ରୁ ଜାନୁଆରୀ |
| *Sapindus mukorossi* | ରିଠା | ମଞ୍ଜି | ନଭେମ୍ବର ରୁ ଜାନୁଆରୀ |
| *Saraca asoca* | ଅଶୋକା | ଛାଲି | ଅଗଷ୍ଟ ରୁ ଅକ୍ଟୋବର |
| *Saussurea costus* | କୁଥ | ଚେର | ଅଗଷ୍ଟ ରୁ ଅକ୍ଟୋବର |
| *Sida cordifolia* | ବଜ୍ରମୂଳି | ପତ୍ର | ଫେବୃଆରୀରୁ ଅପ୍ରେଲ/ନଭେମ୍ବରରୁ ଜାନୁଆରୀ |
| *Solanum anguivi* | ଡେଙ୍ଗାଭେଜି / ବୃହତି | ମୂଳ / କାଣ୍ଡ | ଫେବୃଆରୀ ରୁ ଜୁଲାଇ |
| *Solanum nigrum* | ଲୁଣଲୁଣି | ଫଳ / ସଂପୂର୍ଣ୍ଣ ଗଛ | ଫେବୃଆରୀ ରୁ ଅପ୍ରେଲ |
| *Solanum virginianum* | କଂଟକରି | ସଂପୂର୍ଣ୍ଣ ଗଛ | ଫେବୃଆରୀ ରୁ ଅପ୍ରେଲ |
| *Spheranthus indicus* | ଭୂଇଁକଦମ୍ବ | ଫଳ | ଫେବୃଆରୀ ରୁ ଜୁଲାଇ |
| *Swertia chirayita* | ଚିରତ | ସମ୍ପୂର୍ଣ୍ଣ ଗଛ | ଅଗଷ୍ଟ ରୁ ଅକ୍ଟୋବର |
| *Syzygium cumini* | ଜାମୁ | ମଞ୍ଜି / ଛାଲି | ମେ ରୁ ଜୁଲାଇ / ଅଗଷ୍ଟ ରୁ ଅକ୍ଟୋବର |
| *Syzygium aromaticum* | ଲବଙ୍ଗ | ଫୁଲର କଢ଼ି | ନଭେମ୍ବର ରୁ ଜାନୁଆରୀ |
| *Taxus baccata* | ଶୁକପୁଷ୍ପ | ପତ୍ର | ଅଗଷ୍ଟ ରୁ ଅକ୍ଟୋବର |
| *Tephrosia purpurea* | ସରଫୁଙ୍କ | ସମ୍ପୂର୍ଣ୍ଣ ଗଛ | ଅଗଷ୍ଟ ରୁ ଅକ୍ଟୋବର |
| *Teramnus labialis* | ମେଷପର୍ଣ୍ଣି | ବାୟବୀୟ ଅଂଶ | ଅଗଷ୍ଟ ରୁ ଅକ୍ଟୋବର |
| *Terminalia arjuna* | ଅର୍ଜୁନ | ଛାଲି | ଫେବୃଆରୀରୁ ଅପ୍ରେଲ/ନଭେମ୍ବରରୁ ଜାନୁଆରୀ |
| *Terminalia bellirica* | ବାହାଡ଼ା | ଫଳ | ଫେବୃଆରୀ ରୁ ଅପ୍ରେଲ |
| *Terminalia chebula* | ହରିଡ଼ା | ଫଳ | ଫେବୃଆରୀ ରୁ ଅପ୍ରେଲ |
| *Tinospora cordifolia* | ଗୁଡୁଚି | କାଣ୍ଡ | ଫେବୃଆରୀ ରୁ ଅପ୍ରେଲ |
| *Tribulus terrestris* | ଗୋଖରୁ | ଫଳ | ନଭେମ୍ବର ରୁ ଜାନୁଆରୀ |
| *Ucaria picta* | କୃଷ୍ଣପର୍ଣ୍ଣି | ବାୟବିୟ ଅଂଶ | ଅଗଷ୍ଟ ରୁ ଅକ୍ଟୋବର |
| *Valeriana jatamansi* | ଟଗର | ମୂଳ | ଅଗଷ୍ଟ ରୁ ଅକ୍ଟୋବର |
| *Vateveria zizanioides* | ବେଣା | ମୂଳ | ଅଗଷ୍ଟ ରୁ ଅକ୍ଟୋବର |
| *Vigna triloba* | ମଣ୍ଡୁକପର୍ଣ୍ଣି | ବାୟବୀୟ ଅଂଶ | ଅଗଷ୍ଟ ରୁ ଅକ୍ଟୋବର |
| *Viola odorata/V.serpens* | ବଣଫସା | ଫୁଲ | ନଭେମ୍ବର ରୁ ଜାନୁଆରୀ |
| *Withania somnifera* | ଅଶ୍ୱଗନ୍ଧା | ଚେର | ଫେବୃଆରୀ ରୁ ଅପ୍ରେଲ |
| *Woodfordia fruticosa* | ଧାତୁକୀ | ଫୁଲ | ଫେବୃଆରୀ ରୁ ଅପ୍ରେଲ |
| *Zanthoxylum armatum* | ଟିମ୍ବରୁ / ତେଜଫଳ | ଫଳ | ଅଗଷ୍ଟ ରୁ ଜାନୁଆରୀ |
| *Zingiber officinalis* | ଶୁଣ୍ଠି / ଅଦା | କନ୍ଦ | ନଭେମ୍ବର ରୁ ଜାନୁଆରୀ |
| *Ziziphus jujuba* | ବରକୋଳି | ଫଳ | ଫେବୃଆରୀ ରୁ ଅପ୍ରେଲ |